## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.): ନିଶ୍ଚିନ୍ତକୋଇଲି ବ୍ଲକ ଝାଡେଶ୍ୱରପୁର ଗ୍ରାମର ଭାସ୍କର ସାହୁଙ୍କ ପୁଅ ଆଶୁତୋଷ ସାହୁ (୨୦)ଙ୍କ ସାପ କାମୁଡ଼ାରେ ରବିବାର ମୃତ୍ୟୁ ଘଟିଛି। ଅପରାହ୍ନରେ ସେ ଘରେ ଶୋଇଥିଲା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଚିତ୍କାର ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଝଡ଼ାଫୁଙ୍କା କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ଆଶୁତୋଷଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଶୁତୋଷଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସଂକ୍ଷେପରେ

## ୨ଦିନ ପାଇଁ ୬ଯୋଡ଼ା ପାସେଞ୍ଜର ଟ୍ରେନ୍ ବାତିଲ

ଭୁବନେଶ୍ୱର, ୯।୫ (ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ଚେନ୍‌କୁ ଭାଙ୍ଗିବା ସହ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ, ପୂର୍ବତଟ ରେଳପଥ ପକ୍ଷରୁ ସୋମବାର ଓ ମଙ୍ଗଳବାର ଦୁଇ ଦିନ ପାଇଁ ୬ ଯୋଡ଼ା ମେମୁ/ ପାସେଞ୍ଜର ଟ୍ରେନ୍ ବାତିଲ କରାଯାଇଛି। ଏହି ଟ୍ରେନଗୁଡିକ ହେଉଛି ୦୮୪୫୬/ ୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ-ଭୁବନେଶ୍ୱର ବିଶେଷ ଟ୍ରେନ୍, ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ, ୦୮୪୩୮/ ୦୮୪୩୭ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ୍, ୦୮୪୬୧/୦୮୪୬୨ କଟକ-ପାରାଦୀପ -କଟକ ବିଶେଷ ଟ୍ରେନ୍, ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ ଓ ୦୮୫୨୮/୦୮୫୨୭ ବିଶାଖାପାଟନମ୍-ରାୟପୁର-ବିଶାଖାପାଟନମ୍ ବିଶେଷ ଟ୍ରେନ୍। ଏହି ୬ଯୋଡ଼ା ଟ୍ରେନ୍‌କୁ ଉଭୟ ଦିଗରୁ ବାତିଲ କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀରେ ଟପିପାରେ ୬୦ ହଜାର

ଭୁବନେଶ୍ୱର, ୯।୫(ବ୍ୟୁରୋ)

- ୧୦୮୪ ନୂଆ ଆକ୍ରାନ୍ତ ଚିହ୍ନଟ
- ୫୩, ୬୧୪ରେ ପହଞ୍ଚିଲା ସଂକ୍ରମଣ ସଂଖ୍ୟା

ରାଜଧାନୀ ଭୁବନେଶ୍ୱରରୁ ଗତ ୨୪ଘଣ୍ଟା ମଧ୍ୟରେ ୧୦୮୪ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୧୩ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବା ବେଳେ ୮୭୧ଜଣ ସ୍ଥାନୀୟ ସଂକ୍ରମଣ ରହିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ଏଯାବତ୍ ୫୩ ହଜାର ୬୧୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୩ହଜାର ୬୧ଜଣ ସୁସ୍ଥ ହୋଇ ଫେରିଥିବାବେଳେ ଏବେ ୧୦ହଜାର ୨୫୨ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତ ୨୪ଘଣ୍ଟାରେ ୯୦୬ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁ ସଂଖ୍ୟା ୨୮୦ରେ ପହଞ୍ଚିଛି। ତେବେ ଦୈନିକ ସଂକ୍ରମଣ ହାରକୁ ଦେଖିଲେ ଆଉ ୪/୫ଦିନ ମଧ୍ୟରେ ଏହା ୬୦ହଜାର ପାର୍ କରିଯିବ ବୋଲି ଆଶଙ୍କା କରାଯାଉଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ସର୍ବାଧିକ ୫୩ଜଣ ନୟାପଲ୍ଲୀରୁ ରହିଛନ୍ତି। ସେହିପରି ପଟିଆରୁ ୫୨, ଖଣ୍ଡଗିରିରୁ ୪୪, ରସୁଲଗଡରୁ ୪୦, ୟୁନିଟ-୮ରୁ ୧୬, ସୁନ୍ଦରପଦାରୁ ୨୬, ଶୈଳଶ୍ରୀ ବିହାରରୁ ୨୨, ପୋଖରୀପୁଟରୁ ୨୩, ଲକ୍ଷ୍ମୀସାଗରରୁ ୨୮, ଚନ୍ଦ୍ରଶେଖରପୁରରୁ ୨୩, ମଞ୍ଚେଶ୍ୱର ଓ ବରଗଡରୁ ୧୫ଜଣ ଲେଖାଏ, ପୁରୁଣା ଭୁବନେଶ୍ୱରରୁ ୪୧, ଝାରପଡାରୁ ୩୧, ଢୁମୁଡୁମାରୁ ୩୩, ବରମୁଣ୍ଡାରୁ ୩୨, ନୀଳାଦ୍ରିବିହାରରୁ ୧୭, ବମିଖାଲରୁ ୧୯, ଆଚାର୍ଯ୍ୟ ବିହାରରୁ ୧୨, କଳିଙ୍ଗନଗରରୁ ୧୩, ବାପୁଜୀନଗରରୁ ୬, ଜାଗମରାରୁ ୭, ଜୟଦେବ ବିହାରରୁ ୧୦, ଶାସ୍ତ୍ରୀନଗରରୁ ୭, ଟଙ୍କପାଣି ରୋଡ୍ ଓ ୟୁନିଟ୍-୪ରୁ ୧୩ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ୫ ଦିନରେ ୩୨୨୮ ଅମାନିଆ ଗଣିଲେଣି ଜରିମାନା


ଭୁବନେଶ୍ୱର ଏଜି ଛକରେ ଡିସିପି ରାଜକିଶୋର ପାଇକରାୟ ଏକ ଅଟୋକୁ ଯାଞ୍ଚ କରୁଛନ୍ତି।

ଭୁବନେଶ୍ୱର,୯।୫(ବ୍ୟୁରୋ)

ବର୍ଦ୍ଧିତ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ମେ ୫ରୁ ୧୯ ଯାଏ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ରାଜଧାନୀରେ ବ୍ଲକିଂ ଓ ଚେକିଂ କଡ଼ାକଡ଼ି କରାଯାଉଛି। ଏହାସତ୍ତ୍ୱେ ରାସ୍ତାରେ ବୁଲୁଛନ୍ତି ଅମାନିଆ। ସେମାନଙ୍କୁ ପୋଲିସ ସହରର ବିଭିନ୍ନ ଛକରେ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଗତ ୫ ଦିନରେ ପୋଲିସ ୩୨୨୮ଜଣ ଅମାନିଆଙ୍କୁ ଧରିଛି। ସେମାନଙ୍କ ପାଖରୁ ୩ଲକ୍ଷ ୩୭ହଜାର ୭୦୦ରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ୭ତାରିଖରେ ୯୫୪ଜଣଙ୍କଠାରୁ ୯୫ ହଜାର ୬୦୦ଟଙ୍କା, ୮ ତାରିଖରେ ୬୯୮ଜଣଙ୍କଠାରୁ ୪୪ ହଜାର ୩୫୦ ଟଙ୍କା ଓ ୯ତାରିଖରେ ୭୦୯ଜଣଙ୍କ ଠାରୁ ୭୯, ୭୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନ୍ୟପକ୍ଷେ କମିଶନରେଟ୍ ପୋଲିସ ବିଭିନ୍ନ ସଂସ୍ଥାର କର୍ମଚାରୀଙ୍କ ଯାତାୟତ ବେଳେ ପରିଚୟପତ୍ର କଡ଼ାକଡ଼ି ଯାଞ୍ଚ କରୁଛି।

## ନିଶ୍ଚିହ୍ନ ହେବାକୁ ବସିଛି ଲିଙ୍ଗରାଜଙ୍କ କୁଡୁଆ ସମ୍ପତ୍ତି

ପୁରୁଣା ଭୁବନେଶ୍ୱର,୯।୫(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ଜାନିଯାତ୍ରାରେ ନୀତିକାନ୍ତି ପାଇଁ ଛତିଶାନିଯୋଗ ନିୟୋଜିତ ରହିଛନ୍ତି। ସମସ୍ତ ସେବା ପାଇଁ ସେବାୟତଙ୍କୁ ଜମି ଖଞ୍ଜାପଡ଼ା ରହିଛି। ସେହପରି କୁମ୍ଭକାର ସେବାୟତଙ୍କୁ ମଧ୍ୟ ଜମି ଖଞ୍ଜାପେଡ଼ା ରହିଛି। ତେବେ ମନ୍ଦିର ପ୍ରଶାସନ ମାର୍ଫତରେ ବିଭିନ୍ନ ଅଞ୍ଚଳରେ ଥିବା ଶହ ଶହ ଏକର ଜମି ବିକ୍ରି ଚାଲିଛି। ଏହି ପରିପ୍ରେକ୍ଷୀରେ କୁମ୍ଭକାର ସେବାୟତଙ୍କ ପାଇଁ ଯୋଗାଇ ଦିଆଯାଇଥିବା କୁଡୁଆ ସମ୍ପତ୍ତି ଏକ ପ୍ରକାର ନିଶ୍ଚିହ୍ନ ହେବାକୁ ବସିଲାଣି।

ସୂଚନା ମୁତାବକ, ଠାକୁରଙ୍କ ବିଭିନ୍ନ ଜାନିଯାତ୍ରା ପାଇଁ ଏବଂ ପ୍ରତ୍ୟହ ଶଙ୍ଖୁଡ଼ି ଭୋଗପାଇଁ ମାଟି କୁଡୁଆ, ହାଣ୍ଡି, ସରା, ପଲମ ବ୍ୟବହାର ହୋଇଥାଏ। ଏଥିପାଇଁ କୁମ୍ଭାର ସେବାୟତ ନିୟୋଜିତ ଅଛନ୍ତି। ଏକଦା ଏମାନଙ୍କୁ ୨୦ରୁ ୨୯ ଏକର ଜମି ସେବା କାର୍ଯ୍ୟ ପାଇଁ ଦିଆଯାଇଥିଲା। ଏସମସ୍ତ ସମ୍ପତ୍ତି ବିକ୍ରି ହୋଇ ପ୍ରାୟ ନିଶ୍ଚିହ୍ନ ହେବାକୁ ବସଲାଣି। ଅଭିଯୋଗ ମୁତାବକ, ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ନୁଆଗାଁ ମୌଜାରେ ଥିବା ପ୍ରାୟ ଏକର ଜମିକୁ ଚଞ୍ଚକତା ପୂର୍ବକ ଘରବାଡ଼ି କରାଯାଇ ବିକ୍ରି ହେଉଛି। ଠାକୁରଙ୍କ ମୂଲ୍ୟବାନ ସମ୍ପତ୍ତି ଫେରି ଆସିଲେ ଶ୍ରୀଜିଉଙ୍କ ସେବାପୂଜାରେ ବ୍ୟାହାତ ଘଟିବ ନାହିଁ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଏନେଇ ପୂଜାପଣ୍ଡା ସେବାୟତ ନିଯୋଗ ସମ୍ପାଦକ ସଚ୍ଚୀକାନ୍ତ ପୂଜାପଣ୍ଡା କହିଛନ୍ତି, ସ୍ୱୟଂ ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତିକୁ କିଣିଥିବା ବ୍ୟକ୍ତିଙ୍କଠାରୁ ଆଇନ ଅନୁଯାୟୀ ଉଦ୍ଧାର କରାଯାଉ। କୁମ୍ଭକାର ସେବାୟତ ପ୍ରଫୁଲ୍ଲ ମୁଦୁଲି କହିଛନ୍ତି, ଠାକୁରଙ୍କ ଜମି ହସ୍ତାନ୍ତର ଯୋଗ୍ୟ ନୁହେଁ। ଯେଉଁ ବ୍ୟକ୍ତି ଏହି କାର୍ଯ୍ୟ କରୁଛନ୍ତି ତାଙ୍କ ଉପରେ ମନ୍ଦିର ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ। ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ କହିଛନ୍ତି, ସେବା ପୂଜା ପାଇଁ ଖଞ୍ଜାଯାଇଥିବା ଜମିଗୁଡ଼ିକ ଉଦ୍ଧାର ପାଇଁ କେସ୍ ଦାଏର ହୋଇଛି। ଏଥିସହ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି ବୋଲି ସେ କହିଛନ୍ତି।

# ଛୁଇଁଲେନି ପରିଜନ, ମୃତଦେହ କାନ୍ଧେଇଲେ ଖବରଦାତା

ବାଲକାଟୀ,୯।୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ଭୟରେ ବନ୍ଧୁ ପରିଜନ କେହି ବି ମୃତଦେହ ଉଠାଇ ନ ଥିଲେ। ଏପରିକି ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସହଯୋଗ ମିଳିଲା ନାହିଁ, ଶେଷରେ କେତେଜଣ ଖବରଦାତା ଖବର ପାଇ ଆସି ନିଜ ମୃତଦେହକୁ କାନ୍ଧେଇ ଶ୍ମଶାନ ନେଇ ସତ୍କାର କରି ମାନବିକତାର ପରିଚୟ ଦେଖାଇଛନ୍ତି। ଏଭଳି ଏକ ହୃଦୟସ୍ପର୍ଶୀ ଘଟଣା ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ବାଲକାଟୀରେ ରବିବାର ଦେଖିବାକୁ ମିଳିଛି। ବାଲକାଟୀ ଫାଣ୍ଡି ରଙ୍ଗଣି ସାହି ଗ୍ରାମର ଶତାୟୁ ବୃଦ୍ଧା ତଅପୋଇ ବେହେରାଙ୍କ ମୃତ୍ୟୁ ଘଟିଥିଲା। ପରିବାରରେ ପୁଅ, ବୋହୂ ଓ ନାତି କରୋନା ଆକ୍ରାନ୍ତ ହୋଇଥିବାବେଳେ ଗତ କିଛିଦିନ ହେବ ତଅପୋଇଙ୍କ ଥଣ୍ଡା, ଜ୍ୱର ଲାଗିରହିଥିଲା। ତେବେ ରବିବାର ଅଧିକ ଅସୁସ୍ଥ ହେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ତଅପୋଇ କରୋନାରେ ମୃତ୍ୟୁବରଣ କରିଥିବା ଆଶଙ୍କା କରି ସଂକ୍ରମଣ ଭୟରେ ବନ୍ଧୁ, ପରିଜନ, ଜ୍ଞାତିକୁଟୁମ୍ବ କେହି ବି କାନ୍ଧେଇଲେନି କି ପାଖକୁ ମଧ୍ୟ ଗଲେ ନାହିଁ। ଦୀର୍ଘ ସମୟ ଧରି ମୃତଦେହ ଘରେ ପଡ଼ିରହିଥିଲା। ଘଟଣା ସମ୍ପର୍କରେ ସୂଚନାପାଇ ବାଲିଅନ୍ତା ଅଞ୍ଚଳର ଖବରଦାତା ନିରଞ୍ଜନ ସେନାପତି, ପୀତବାସ ଦାଶ,ବୁଟୁ ମହାପାତ୍ର, ଗଗନ ଭୋଇ, ବିଭୂତି ଭୂଷଣ ପ୍ରଧାନ, ଜିତେନ୍ଦ୍ର ବେଉରା, ଆଶୁତୋଷ ଚୌଧୁରୀ ପହଞ୍ଚି ସତ୍କାର ପାଇଁ ଆଗେଇ ଆସିଥିଲେ। ସେମାନେ ପିପିଇ କିଟ୍ ପିନ୍ଧି ତଅପୋଇଙ୍କ ମୃତଦେହକୁ ଘରୁ ଉଠାଇ ୨କି.ମି. ଦୂରରେ ଥିବା ଶ୍ମଶାନକୁ ନେଇ ସତ୍କାର କରିଥିଲେ। ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ କରୋନା ଯୋଦ୍ଧା ଘୋଷଣା କରିଥିବାବେଳେ ସେମାନେ କେବଳ ଖବର ସଂଗ୍ରହରେ ସୀମିତ ନ ରହି ବିପଦବେଳର ବନ୍ଧୁ ସାଜିଛନ୍ତି।


ମୃତଦେହକୁ ଖବରଦାତାମାନେ କାନ୍ଧେଇ ନେଉଛନ୍ତି।

ଶ୍ରଦ୍ଧାଞ୍ଜଳି

ବାପା,
ତୁମେ ଆମକୁ ଏକାକରି ଛାଡ଼ି ଚାଲିଗଲ। ତୁମ ବିନା ଆମଘର ଶୂନ୍‌ଶାନ୍। ଏ ମନ ତୁମକୁ ସବୁବେଳେ ଝୁରୁଛି। ତୁମ ନାତି ସ୍ୱରାଜ କହୁଛି 'ମୋ ଜେଜେ ଠାକୁରଙ୍କ ପାଖକୁ ମନ୍ଦିର ଯାଇଛନ୍ତି।' ବାପା ! ମୁଁ ତୁମ ବାଇଆ ନାତିକୁ କ'ଣ କହି ବୁଝାଇବି ।
॥ଇତି ॥
ବାପି, ଚୁନୀ, ସ୍ୱରାଜ (ନାତି)
ଦଶାହ : ୧୨।୦୫।୨୦୨୧
ଏକାଦଶାହ : ୧୩।୦୫।୨୦୨୧
ମୋବାଇଲ ନଂ.: ୯୮୫୩୩୮୭୯୨୭
୭୯୭୮୯୩୬୦୪୨


✓ଶ୍ରୀ ସୁଧାକର ମହାନ୍ତି
(ଅବସରପ୍ରାପ୍ତ ଇଞ୍ଜିନିୟର)
ଗ୍ରାମ/ପୋ.: ନେମାଳ, କଟକ
ଆବିର୍ଭାବ: ୧୦।୦୫।୧୯୪୦ (ଅକ୍ଷୟ ତୃତୀୟା)
ତିରୋଧାନ: ୦୩।୦୫।୨୦୨୧

# କଳା, ଭାସ୍କର୍ଯ୍ୟ ପାଇଁ ଅପୂରଣୀୟ କ୍ଷତି

**ଭୁବନେଶ୍ୱର, ୯।୫ (ବ୍ୟୁରୋ)– ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ରବିବାର ପରଲୋକ ହୋଇଯାଇଛି। ଅନେକ ଭାସ୍କର୍ଯ୍ୟ ନିର୍ମାଣ କରି ସେ କେବଳ ଓଡ଼ିଶା ନୁହେଁ ବରଂ ଦେଶ ତଥା ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ଦେହାନ୍ତରେ କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଅପୂରଣୀୟ କ୍ଷତି ଘଟିଲା ବୋଲି ମତ ପ୍ରକାଶ ପାଇଛି।**


"ଓଡ଼ିଶା ତଥା ଭାରତବର୍ଷ ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ହରାଇଲା ଏବଂ ଦେଶର ଏକ ଅପୂରଣୀୟ କ୍ଷତି ଘଟିଲା। ତାଙ୍କର କଳା ଓ ଭାସ୍କର୍ଯ୍ୟ ଦେଶ, ବିଦେଶରେ ଢେର୍ ଖ୍ୟାତି ଅର୍ଜନ କରିବା ସହିତ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ସେ ସର୍ବଦା ଓଡ଼ିଆ ତଥା ଦେଶବାସୀଙ୍କ ନିକଟରେ ସ୍ମରଣୀୟ ହୋଇରହିବେ। ଏଇ ଦୁଃଖଦ ମୁହୂର୍ତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରୁଛି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।
**–ବିଶ୍ୱଭୂଷଣ ହରିଚନ୍ଦନ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ**


"ଗୋଟିଏ ଅଞ୍ଚଳର ବାସିନ୍ଦା ହୋଇଥିବାରୁ ସ୍ୱର୍ଗତ ମହାପାତ୍ରଙ୍କୁ ପିଲାଦିନରୁ ଭଲଭାବେ ଜାଣିଛି। ଜଣେ ବଡ଼ ଭାଇ ଭଳି ସେ ଆମଙ୍କୁ ସର୍ବଦା ମାର୍ଗଦର୍ଶନ କରିଆସୁଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏଭଳି ଅସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଭଗବାନ ଅସୀମ ଧୈର୍ଯ୍ୟ ଦିଅନ୍ତୁ।
**–ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**


"ସ୍ୱର୍ଗତ ରଘୁନାଥ ମହାପାତ୍ର ପ୍ରତିଷ୍ଠିତ ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ଶ୍ରୀମନ୍ଦିର ଭଳି ଅବିକଳ ମନ୍ଦିର ବାଲେଶ୍ୱରଠାରେ ନିର୍ମାଣ କରି ପ୍ରଶଂସା ଓ ସମ୍ମାନ ସାଉଁଟିଥିଲେ। ବିଶ୍ୱ ଜଣେ ସୁନାମ ଅର୍ଜିତ ଶିଳ୍ପୀଙ୍କୁ ହରାଇଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି।
**–ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି**


"ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ପରଲୋକ ଖବର ଶୁଣି ଅତ୍ୟନ୍ତ ମର୍ମାହତ। ତାଙ୍କ ଦେହାନ୍ତ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମର ଆତ୍ମାର ସଦଗତି କାମନା କରୁଛି।
**–ମାନସ ମଙ୍ଗରାଜ, ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା**



ଶିଳ୍ପୀ ମାନସ ସାହୁ ରାଜ୍ୟ ସଭା ସଦସ୍ୟ ତଥା ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କୁ ସ୍ୟାଣ୍ଡ ଆନିମେଶନ ଦ୍ୱାରା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।


"ରଘୁନାଥଙ୍କ ବିୟୋଗ ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳ ପାଇଁ ଏକ ବିରାଟ କ୍ଷତି। ଏହି ମହାନ ଶିଳ୍ପୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।
**–ସଞ୍ଜୟ ଦାସବର୍ମା, ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ)**


"ଆମ ରାଜ୍ୟ ଓ ଆମେ କଳାକାରମାନେ ବହୁତ ବଡ଼ ପ୍ରତିଭାଙ୍କୁ ହରାଇଲୁ। ଭାରତର ସେ ଏକମାତ୍ର ଶିଳ୍ପୀ ଥିଲେ ଯିଏ କି ପଦ୍ମବିଭୂଷଣ ପାଇଥିଲେ। ଲଳିତକଳା ଏକାଡେମୀରେ ମୁଁ ସେକ୍ରେଟାରି ଥିବାବେଳେ ସେ ସଭାପତି ଥିଲେ। ତାଙ୍କ ସହ କାମ କରିବା ବହୁତ ଭଲ ଲାଗେ। ସେ ସବୁବେଳେ ସକାରାତ୍ମକ ଚିନ୍ତା କରନ୍ତି। ତାଙ୍କ ଦେହାନ୍ତ ଖବର ଶୁଣି ମତେ ଶକ୍ତ ଧକ୍କା ଲାଗିଛି। ତାଙ୍କର ବିୟୋଗ ଆମ ଦେଶର ବଡ଼ କ୍ଷତି।
**–ତାରାକାନ୍ତ ପରିଡ଼ା, ପ୍ରତିଷ୍ଠାତା, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି,**


"ମୁଁ ଓଡ଼ିଶା ଲଳିତ କଳା ଏକାଡେମୀରେ ଥିବାବେଳେ ତାଙ୍କ ସହ ଏକବର୍ଷ କାମ କରିଥିଲି। ସେ ସବୁବେଳେ ମତେ ଆଗକୁ ବଢ଼ିବାକୁ ଉତ୍ସାହିତ କରୁଥିଲେ। ଓଡ଼ିଶାରେ ଜନ୍ମ ହୋଇ ବି ସେ ସାରା ପୃଥିବୀରେ ନାଁ କରିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ମୁଁ ସ୍ତବ୍ଧ ହୋଇଯାଇଛି। ସେ ମୋର ଗୁରୁ ସଦୃଶ ଥିଲେ। ତାଙ୍କ ପ୍ରୋତ୍ସାହନ ଓ ପ୍ରଚେଷ୍ଟା ଆହୁରି ଅନେକ ଶିଳ୍ପୀଙ୍କୁ ତିଆରି କରିବ।
**–ମାନସ ଜେନା, ପୂର୍ବତନ ସେକ୍ରେଟାରୀ, ଲଳିତକଳା ଏକାଡେମୀ**


"ତାଙ୍କ ଭଳି କଳାକାର ଓ ଭଲ ମଣିଷ ମିଳିବା କଷ୍ଟକର। ଶିଳ୍ପୀକୁଳ ପାଇଁ ଏହା ଶକ୍ତ ଧକ୍କା। ତାଙ୍କ ଭଳି ଶିଳ୍ପୀ ପୁଣି ଥରେ ଓଡ଼ିଶାରେ ଜନ୍ମ ନେବା ସମ୍ଭବ ନୁହେଁ। ବିଶେଷକରି ଲଳିତକଳା ଏକାଡେମୀର ଉନ୍ନତି ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ଦ୍ୱିତୀୟ କୋଣାର୍କ ତିଆରି କରିବା ସ୍ୱପ୍ନ ଅଧାରେ ରହିଗଲା।
**–ଗୌରାଙ୍ଗ ବାରିକ, ବରିଷ୍ଠ ଚିତ୍ରଶିଳ୍ପୀ**


"ରଘୁନାଥ ଓ ମୁଁ ଭଲ ବନ୍ଧୁ ଥିଲୁ। ତାଙ୍କ ଦେହାନ୍ତ ଖବର ଶୁଣି ମୁଁ ମର୍ମାହତ। ତାଙ୍କ ବିୟୋଗ ସମଗ୍ର ଶିଳ୍ପୀ ଜଗତ ପାଇଁ ଅପୂରଣୀୟ କ୍ଷତି। ଲଳିତ କଳା ଏକାଡେମୀର ଉନ୍ନତି ପାଇଁ ସେ ବହୁତ କାମ କରିଥିଲେ। ପ୍ରଭୁ ଜଗନ୍ନାଥ ତାଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
**–ଡ. ଦୁର୍ଗା ପ୍ରସାଦ ଦାସ, ବରିଷ୍ଠ ଚିତ୍ରଶିଳ୍ପୀ**


"ବରିଷ୍ଠ ଓ କନିଷ୍ଠ ଶିଳ୍ପୀର ବହୁ ଊର୍ଦ୍ଧ୍ୱରେ ଆମ ଦୁହିଁଙ୍କର ସମ୍ପର୍କ ଥିଲା। ତାଙ୍କ ସଂସ୍ପର୍ଶରେ ଆସିବା ପରେ ମୁଁ ନିଜକୁ ଭାଗ୍ୟବାନ ମନେ କରିଛି। ତାଙ୍କୁ ପାଖରେ ପାଇବାର ଅନୁଭବ ମୋ ପାଇଁ ମହାର୍ଘ ଥିଲା। ସେ କର୍ମଯୋଗୀ ଥିଲେ। ପର୍ବତର ଉତ୍ତୁଙ୍ଗ ଶିଖରରେ ପହଞ୍ଚି ମଧ୍ୟ ନିଜକୁ କ୍ଷୁଦ୍ର ବୋଲି କହୁଥିଲେ।
**–ବଳଦେବ ମହାରଥା, ବରିଷ୍ଠ ଚିତ୍ରଶିଳ୍ପୀ**


"ରଘୁନାଥଙ୍କ ସହ ମୋର ଦୀର୍ଘ ୬୦ ବର୍ଷର ବନ୍ଧୁତ୍ୱ ଥିଲା। ତାଙ୍କ ସହ ମିଶି ମୁଁ ବହୁତ କାମ କରିଛି। ଆମ ସମୟରେ ସେ ଏକମାତ୍ର ଶିଳ୍ପୀ ଯିଏ କି ପଦ୍ମଭୂଷଣ, ପଦ୍ମବିଭୂଷଣ ପାଇଥିଲେ। ସେ ଜଗନ୍ନାଥଙ୍କର ଅନେକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ତାଙ୍କ କଳାକୃତି ପାଇଁ ଓଡ଼ିଶା ସମଗ୍ର ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରିଛି।
**–ଜଗଦୀଶ୍ କାନୁନ୍‌ଗୋ, ପୂର୍ବତନ ସଭାପତି, ଲଳିତକଳା ଏକାଡେମୀ**


"ସେ କେବଳ ଓଡ଼ିଶା ନୁହେଁ ବରଂ ଭାରତର ସୁନାମଧନ୍ୟ ବ୍ୟକ୍ତି ଥିଲେ। ପ୍ରସ୍ତର ଶିଳ୍ପୀ ଭାବେ ସେ ବହୁ ଶିଳ୍ପୀଙ୍କୁ ପ୍ରେରଣା ଯୋଗାଇଛନ୍ତି। ଅନେକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ତାଙ୍କ ଭଳି ବ୍ୟକ୍ତି ଓଡ଼ିଶାରେ ଜନ୍ମ ଲାଭ କରିବା ଆମ ପାଇଁ ଗର୍ବ।
**–ଡ. ଅଲେଖ ଚରଣ ସାହୁ, ବି.କେ. ଆର୍ଟ କଲେଜ, ପୂର୍ବତନ ପ୍ରିନ୍ସିପାଲ**


"ଭାରତ ବର୍ଷ ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ହରାଇଲା। ସେ ଆଉ ଜଣେ ବିଶୁ ମହାରଣା ଥିଲେ। ତାଙ୍କର କଳାଚାତୁରି ଅତି ଆଶ୍ଚର୍ଯ୍ୟଜନକ ଥିଲା। ଶିଳ୍ପୀମାନେ ତାଙ୍କ କଳାକୁ ଦେଖିଲେ ଆଶ୍ଚର୍ଯ୍ୟ ହେଉଥିଲେ। ସେ ଜଣେ ଏକଲବ୍ୟ ଥିଲେ। ତାଙ୍କ ଭଳି ଶିଳ୍ପୀଙ୍କୁ ହରାଇ ଅପୂରଣୀୟ କ୍ଷତି ହୋଇଛି। କଳାକୃତି ପାଇଁ ରଘୁନାଥ ସର୍ବଦା ମନେ ରହିବେ।
**–ପଦ୍ମବିଭୂଷଣ ସୁଦର୍ଶନ ସାହୁ, ପ୍ରସ୍ତର ଶିଳ୍ପୀ**

## ଶିଳ୍ପୀ ଜାତି ପାଇଁ ପ୍ରେରଣା ରହିବେ ରଘୁନାଥ

ଭୁବନେଶ୍ୱର, ୯।୫(ବ୍ୟୁରୋ)

ରାଜ୍ୟ ସଭା ସଦସ୍ୟ ତଥା ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗ ରାଜ୍ୟର ସମଗ୍ର ଶିଳ୍ପୀକୁଳଙ୍କୁ ଗଭୀର ଭାବେ ମର୍ମାହତ କରିଛି। ଶିଳ୍ପ କଳା ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଥିଲା ଶିଳ୍ପୀ ରଘୁନାଥଙ୍କ ଜୀବନ। ଉଭୟ ମୂର୍ତ୍ତି ଓ ମନ୍ଦିର ଗଢିବାରେ ସେ ଥିଲେ ସୁଦକ୍ଷ ବିନ୍ଧାଣୀ। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନର ସୁଦୃଶ୍ୟ କୋଣାର୍କ ଘୋଡାଠୁ ଆରମ୍ଭ କରି ଗଞ୍ଜାମର ତାରାତାରିଣୀ ମନ୍ଦିର ଯାଏ ଅନେକ ସୁନ୍ଦର କୀର୍ତ୍ତିରାଜି ଆଜି ବି ଅନେକଙ୍କୁ ବିମୋହିତ କରେ। ଜଣେ କଳା ଶିକ୍ଷକ ଭାବେ ତାଙ୍କ ନିକଟରୁ ପ୍ରସ୍ତରକଳାର ସୂକ୍ଷ୍ମ କାରୁକାର୍ଯ୍ୟ ଶିଖି ଅନେକେ ଆଜି ନିଜକୁ ଶିଳ୍ପୀ ଭାବେ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ସେ ସବୁଦିନ ଏ ଶିଳ୍ପୀ ଜାତି ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିଥିବେ। ତାଙ୍କ ଦେହାନ୍ତରେ ରାଜ୍ୟ ଜଣେ ସୁନାମଧନ୍ୟ ଶିଳ୍ପୀଗୁରୁଙ୍କୁ ହରାଇଛି ବୋଲି ଶିଳ୍ପୀ ମହାସଂଘ ପକ୍ଷରୁ କୁହାଯାଇଛି। ମହାସଂଘର ମୁଖ୍ୟ ଉପଦେଷ୍ଟା ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ସଭାପତି ଉଦୟ ମହାନ୍ତି, ସମ୍ପାଦକ ପ୍ରିୟରଞ୍ଜନ କର, ଉପସଭାପତି ଶରତ ପ୍ରଧାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଓଡ଼ିଶା ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଶୋକସଭା

କଟକ ଅଫିସ, ୯।୫

ଭାସ୍କର୍ଯ୍ୟଶିଳ୍ପୀ ତଥା ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ରଙ୍କ ପରଲୋକରେ ଓଡ଼ିଶା ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ବକ୍ସିବଜାର ବଢ଼େଇସାହିସ୍ଥିତ କାର୍ଯ୍ୟାଳୟରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତିର ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରତାପ ମହାରଣା ସଭାପତିତ୍ୱ କରି କହିଥିଲେ, ରଘୁନାଥ ତାଙ୍କ ଜୀବନ କାଳରେ ଦ୍ୱିତୀୟ କୋଣାର୍କ ମନ୍ଦିର ଗଢ଼ିବା ପାଇଁ ସ୍ୱପ୍ନ ଦେଖିବା ସହ ଏଥିପାଇଁ ବଢ଼େଇ କୂଳକୁ ପ୍ରସ୍ତୁତି ରହିବାକୁ ଆହ୍ୱାନ ଦେଇଥିଲେ। ତାଙ୍କର ପଥର ଖୋଦେଇ କାରୁକାର୍ଯ୍ୟ ବିଶ୍ୱରେ ସୁନାମ ଅର୍ଜନ କରିଛି ବୋଲି ମହାରଣା କହିଥିଲେ। ଏହି ସଭାରେ ରାଜ୍ୟ ସଭାପତି ବଟକୃଷ୍ଣ ଓଝା, ଦୟାନିଧି ମହାରଣା, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ଯୁଗ୍ମ ସମ୍ପାଦକ ପରିକ୍ଷୀତ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।

## କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ବଡ଼ମ୍ବା,(ଡି.ଏନ୍.ଏ.):ବଡ଼ମ୍ବା ବ୍ଲକରେ ଜଣେ କରୋନା ଆକ୍ରାନ୍ତଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ସୁବାସ ସାମଲ (୪୫)। ସେ ଶନିବାର ପଜିଟିଭ ଚିହ୍ନଟ ହେବା ପରେ ବଡ଼ମ୍ବା କୋଭିଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ରବିବାର ଭୋର ସମୟରେ ଛାତିରେ ଅଧିକ ଯନ୍ତ୍ରଣା ହେବାରୁ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସୁବାସଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ୩ ଗ୍ରାମ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ବଡ଼ମ୍ବା/ବାଙ୍କୀ, ୯।୫(ଡି. ଏନ୍. ଏ./ସ୍ୱ.ପ୍ର. ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ପରଜାପଡା ପଞ୍ଚାୟତର ପରଜାପଡା ଓ ଇଚ୍ଛାପୁର ଗ୍ରାମକୁ ରବିବାର ସନ୍ଧ୍ୟା ୬ଟାରୁ ମେ'୧୬ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି ଏନେଇ ନିର୍ଦ୍ଦେଶ ଦେଇଛନ୍ତି। ପରଜାପଡା ପଞ୍ଚାୟତରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହେବା ସହ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏନେଇ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ଚିନ୍ତାମଣି ସାମଲ କହିଛନ୍ତି। ସେହିପରି ବାଙ୍କୀ ବ୍ଲକ ଗୋଳାଗଣ୍ଡ ପଞ୍ଚାୟତ ଅନ୍ତର୍ଗତ ରାଜୀବ ଗ୍ରାମକୁ ମେ'୧୬ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଉପଜିଲାପାଳ ରଞ୍ଜନକୁମାର ଜେନାଙ୍କ ନିର୍ଦ୍ଦେଶରେ ସରପଞ୍ଚ ସୁଜାତାଲକ୍ଷ୍ମୀ ବଳିଆର ସିଂ ଘୋଷଣା କରିଛନ୍ତି।

## ବୁଲାପ୍ରାଣୀଙ୍କୁ ଖାଦ୍ୟ ଦେଉଛି ବିଏମ୍‌ସି

ଭୁବନେଶ୍ୱର, ୯।୫ (ବ୍ୟୁରୋ): ସମ୍ପ୍ରତି ଲକ୍‌ଡାଉନ୍ ସମୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବୁଲାଗୋରୁ, ଷଣ୍ଢ ଏବଂ କୁକୁରଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି। ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଦୋକାନ ବଜାର ଇତ୍ୟାଦିରେ ଖାଦ୍ୟ ପାଇଁ ନିର୍ଭର କରୁଥିବା ବୁଲା ଗୋରୁ, ଷଣ୍ଢ ଏବଂ କୁକୁରଙ୍କୁ ଖାଇବାକୁ ଦିଆଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ତିନୋଟି ସ୍ୱେଚ୍ଛାସେବୀ ସଙ୍ଗଠନକୁ ଏହି ଦାୟିତ୍ୱ ଦିଆଯାଇଛି। ଖାଦ୍ୟ ବାବଦରେ ୨୦ ହଜାର ଟଙ୍କା ବ୍ୟୟ ହେଉଛି, ଯାହାକୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରିଙ୍କ ରିଲିଫ୍ ପାଣ୍ଠିରୁ ବହନ କରିବେ। ସବ୍‌ଡିଭିଜନାଲ୍ ପ୍ରାଣୀ ଅଧିକାରୀ ନିୟମିତ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି ବୋଲି ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ କହିଛନ୍ତି।

## କରୋନା ସମ୍ପର୍କିତ ସଚେତନତା ବୈଠକ

କଟକ ଅଫିସ, ୯।୫: ଛାତ୍ର ବିଜେଡି କଟକ ଜିଲା ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ କରୋନା ସଚେତନତା ସମ୍ପର୍କିତ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ର ବିଜେଡି କଟକ ଜିଲା ସଭାପତି ଆସିଫ ଅମିନ ଯୋଗଦେଇ ଦଳର କର୍ମକର୍ତ୍ତାମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହ କରୋନା ମହାମାରୀଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଲକ୍‌ଡାଉନକୁ ମାନିବାକୁ ପରାମର୍ଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶକୁ ମାନି ସମସ୍ତେ ନିଜ ଅଞ୍ଚଳରେ ଅସୁବିଧାରେ ଥିବା ଲୋକଙ୍କ ସମସ୍ୟା ଦୂର କରିବାକୁ ଆସିଫ କହିଥିଲେ। ଏହି ବୈଠକରେ ଜିଲାର ସମସ୍ତ କର୍ମକର୍ତ୍ତା, ବ୍ଲକ ସଭାପତି ଓ ଏନ୍‌ଏସି ସଭାପତ ଯୋଗଦେଇଥିଲେ।

## ସ୍ଥାବର ସମ୍ପତ୍ତି ସଂକ୍ରାନ୍ତ ନିଷ୍ପତ୍ତିକୁ କ୍ରେଡାଇର ସ୍ୱାଗତ

ଭୁବନେଶ୍ୱର,୯।୫: କରୋନା ମହାମାରୀ ଯୋଗୁ ଲୋକମାନେ ବର୍ତ୍ତମାନ ସମସ୍ୟାରେ ରହିଛନ୍ତି। ଏହାକୁ ଧ୍ୟାନରେ ରଖି ରାଜ୍ୟ ସରକାର ଜମି, ପ୍ଲଟ ଏବଂ ଫ୍ଲାଟ ମୂଲ୍ୟ ବୃଦ୍ଧି ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ କ୍ରେଡାଇ ଓଡିଶା ପକ୍ଷରୁ ସ୍ୱାଗତ କରାଯାଇଛି। ହାଉସିଂ କ୍ଷେତ୍ର ଏବଂ ଲୋକଙ୍କ ସମସ୍ୟାକୁ ସରକାର ବିଚାର କରିଥିବା ସଂଘ ପକ୍ଷରୁ କୁହାଯାଇଛି। କ୍ରେଡାଇ ଓଡିଶା ସଭାପତି ସ୍ୱଦେଶ କୁମାର ରାଉତରାୟ, ଅଧକ୍ଷ ଡି.ଏସ୍.ତ୍ରିପାଠୀ, ସେକ୍ରେଟାରୀ ଅନିଲ କେ. ଅଗ୍ରୱାଲ, ଉପସଭାପତି ଉମେଶ ଖଣ୍ଡେଲୱାଲ, ଉମାଶଙ୍କର ପାଣିଗ୍ରାହୀ ଏବଂ ନବୀନ କାଣ୍ଡୋଲ ଏ ନେଇ ସରକାରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ଏହି ନିୟମ ଲାଗୁ ହେବ। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମୂଲ୍ୟାୟନ କମିଟିର ଅଧକ୍ଷ ଥିବା ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି। ଏ ନେଇ ବିଭାଗ ପକ୍ଷରୁ ଏକ ସର୍କୁଲାର ମଧ ଜାରି ହୋଇଛି। ପୂର୍ବ ଆର୍ଥିକ ବର୍ଷରେ ଜମିବାଡି, ପ୍ଲଟ ଏବଂ ଫ୍ଲାଟ ପାଇଁ ଯେଉଁ ମୂଲ୍ୟ ରହିଥିଲା ତାହା ଚଳିତ ଆର୍ଥିକ ବର୍ଷରେ ମଧ ଲାଗୁ ହେବ ବୋଲି ଜଣାପଡିଛି।

# ୬୦ ହଜାର ଟଙ୍କା ପାଇଁ ବନ୍ଧାପଡ଼ିଲା ମୃତଦେହ

ଭୁବନେଶ୍ୱର, ୯।୫(ବ୍ୟୁରୋ)

**ଘରୋଇ ହସ୍ପିଟାଲର ମନମାନି**
- ପଜିଟିଭ କହି ଆଇସିୟୁରେ ରଖିଲେ
- ମୃତ୍ୟୁ ପରେ ନେଗେଟିଭ କହି ଖର୍ଚ୍ଚ ଦାବି କଲେ

କରୋନା ସଂକ୍ରମଣ ଯୋଗୁ ଲୋକେ ଆତଙ୍କିତ। ଏହାର ସୁଯୋଗ ନେଇ କେତେକ ଘରୋଇ ହସ୍ପିଟାଲ ରୋଗୀଙ୍କୁ ଶୋଷଣ କରିବାରେ ଲାଗିପଡ଼ିଛନ୍ତି। ପ୍ରଥମେ ରୋଗୀର ଅବସ୍ଥା ଗୁରୁତର କହି ଆଇସିୟୁରେ ଭର୍ତ୍ତି କରୁଛନ୍ତି। ମୃତ୍ୟୁପରେ ସହସ୍ରାଧିକ ଟଙ୍କା ଦାବି କରିବା ସହ ମୃତଦେହକୁ ଛାଡୁନାହାନ୍ତି। ଫଳରେ ସାଧାରଣ ଲୋକେ ଘରୋଇ ହସ୍ପିଟାଲ ଯାଇ ହଟହଟା ହେଉଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ରବିବାର ନୟାପଲ୍ଲୀ ଥାନା ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ନୟାଗଡର ସନ୍ତୋଷ ମିଶ୍ର(୬୦)ଙ୍କର ଫୁସଫୁସଜନିତ ସମସ୍ୟା ଦେଖାଦେବାରୁ ଗତ ୫ତାରିଖରେ ତାଙ୍କୁ ନୟାପଲ୍ଲୀ ଅଞ୍ଚଳର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ନିୟମ ମୁତାବକ ସନ୍ତୋଷଙ୍କର ଆର୍‌ଟି-ପିସିଆର୍ ଟେଷ୍ଟ ହେଲା। ପରେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ କୋଭିଡ୍ ପଜିଟିଭ କହି ଆଇସିୟୁରେ ଭର୍ତ୍ତି କଲେ। ଚିକିତ୍ସା ବାବଦକୁ ଲକ୍ଷାଧିକ ଟଙ୍କା ନେଇଯିବା ପରେ ରବିବାର ସକାଳେ ସନ୍ତୋଷଙ୍କର ମୃତ୍ୟୁ ଘଟିଲା। ମାତ୍ର ଏବେ ହସ୍ପିଟାଲ କର୍ତ୍ତୃପକ୍ଷ କହୁଛନ୍ତି, ସନ୍ତୋଷ କୋଭିଡ୍ ନେଗେଟିଭ। ଏଣୁ ୬୦ହଜାର ଟଙ୍କା ନ ଦେଲେ ମୃତଦେହ ଦିଆଯିବ ନାହିଁ। ଫଳରେ ତାଙ୍କ ସମ୍ପର୍କୀୟମାନେ ହସ୍ପିଟାଲ ସମ୍ମୁଖରେ ହୋହଲ୍ଲା କରିଥିଲେ। ପଜିଟିଭ ନ ଥାଇ ଆଇସିୟୁରେ କାହିଁକି ଭର୍ତ୍ତି କରି ଖର୍ଚ୍ଚାନ୍ତ କରାଇଲ, ପଜିଟିଭ ବାହାରିଥିଲେ ସରକାରଙ୍କ ତରଫରୁ ସହଯୋଗ ମିଳିଥାନ୍ତା। ନେଗେଟିଭ ଯୋଗୁ ସାଧାରଣ ରୋଗୀର ମୃତ୍ୟୁ ଘଟିଲେ ସରକାର ଖର୍ଚ୍ଚ ବହନ କରିବେ ନାହିଁ ବୋଲି କହି ସନ୍ତୋଷଙ୍କ ସମ୍ପର୍କୀୟମାନେ ପାଟିତୁଣ୍ଡ କରିଥିଲେ। ଖବର ପାଇ ନୟାପଲ୍ଲୀ ଥାନା ଅଧିକାରୀ ଶରତ ସାହୁ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଆର୍‌ଟି-ପିସିଆର ଟେଷ୍ଟପାଇଁ ଅନ୍ୟ ଏକ ହସ୍ପିଟାଲକୁ ନିଆଯାଇଥିଲେ ମଧ ଆଧାର କାର୍ଡ ଦିଆଯାଇ ନ ଥିବାରୁ ରିପୋର୍ଟ ଆସି ନ ଥିଲା। କେହି ଜଣେ ମେଡିକାଲ କର୍ମଚାରୀ ଭୁଲବଶତଃ ରୋଗୀ ପଜିଟିଭ ବୋଲି କହିଦେଇଥିଲେ, ପରେ କିନ୍ତୁ ନେଗେଟିଭ ବୋଲି ଜଣାପଡ଼ିଥିଲା। ଭୁଲ ବୁଝାମଣା ଯୋଗୁ ଏପରି ଦ୍ୱନ୍ଦ୍ୱ ଉପୁଜିଥିବା ଥାନା ଅଧିକାରୀ ସାହୁ କହିଛନ୍ତି। କିଛିଦିନ ତଳେ ଏପରି ଘଟଣା ଲକ୍ଷ୍ମୀସାଗର ଅଞ୍ଚଳରେ ଦେଖିବାକୁ ମିଳିଥିଲା। ବାରମ୍ବାର ଏହି ଘଟଣା ଘଟୁଥିବାରୁ ସରକାର ଘରୋଇ ହସ୍ପିଟାଲଗୁଡ଼ିକର ମନମାନି ଉପରେ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।



ସପ୍ତାହାନ୍ତ ଶଟ୍‌ଡାଉନରେ ରବିବାର ଭୁବନେଶ୍ୱର ଜୟଦେବ ବିହାର ଛକରେ ପୋଲିସ ଗାଡି ଯାଞ୍ଚ କରୁଛି।

## ଆଜିଠୁ ଇନ୍‌ଡୋର ଷ୍ଟାଡିୟମରେ ଟିକାକରଣ

କଟକ ଅଫିସ,୯।୫

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ସକାଳ ୯ଟାରୁ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ଟିକାକରଣ କାର୍ଯ୍ୟକ୍ରମ ହେବ। ତେବେ ଏଠାରେ ଗୋଟିଏ ଦିନରେ ୧୦୦୦ରୁ ୧୫୦୦ ଲୋକଙ୍କୁ ଟିକା ପ୍ରଦାନ ବ୍ୟବସ୍ଥା କରାଯାଇଛି । ଏଥିସହ ଜିଲାର ସମସ୍ତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜିଲାର ନାଗରିକମାନଙ୍କ ପାଇଁ କୋଭିଶିଲ୍ଡର ଦ୍ୱିତୀୟ ଡ଼ୋଜ୍ ଟିକାକରଣ କାର୍ଯ୍ୟ ଜାରି ରହିଛି। ଟିକାକରଣ କେନ୍ଦ୍ରଗୁଡିକରେ ଭିଡ଼ କମାଇବା କରିବା ପାଇଁ ଇନ୍‌ଡୋର ଷ୍ଟାଡିୟମରେ ଏହି ବ୍ୟବସ୍ଥା କରାଯିବା ସହ କୋଭିଡ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ସିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି। ସେହିପରି ବୁଧବାର ୧୬ଟି ସରକାରୀ ଓ ୧୯ ବେସରକାରୀ ଟିକାକେନ୍ଦ୍ରରେ ୧୮ରୁ ୪୪ ବର୍ଷ ମଧ୍ୟରେ ଥିବା ଲୋକଙ୍କୁ ପ୍ରଥମ ଡୋଜ୍ ଟିକା ପ୍ରଦାନ କରାଯିବ ବୋଲି କଟକ ଜିଲା କୋଭିଡ୍ ନୋଡାଲ ଅଫିସର ଉମେଶ ରାୟ କହିଛନ୍ତି ।

## ସରକାରୀ ସ୍କୁଲରେ ଆରମ୍ଭ ହେଉ ନାମଲେଖା

କଟକ ଅଫିସ, ୯।୫

ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରନେତାମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନ୍‌ଲାଇନ୍ ମାଧ୍ୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ସ୍କୁଲଗୁଡିକରେ ନାମଲେଖା ଆରମ୍ଭ ପାଇଁ ମତପ୍ରକାଶ ପାଇଥିଲା। ଏଥିସହ ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଏ ସମ୍ପର୍କରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ବନ୍ଦ୍ ଓ ମିଶ୍ରଣ ହୋଇଥିବା ସରକାରୀ ପ୍ରାଥମିକ ସ୍କୁଲଗୁଡିକୁ ତୁରନ୍ତ ଖୋଲି ନାମଲେଖା ଆରମ୍ଭ କରା ନ ଗଲେ ଆଗାମୀ ଦିନରେ ଛାତ୍ର, ଯୁବକ, ଅଭିଭାବକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଆନ୍ଦୋଳନ କରିବା ପାଇଁ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। କମିଟି ସଂଯୋଜକ ତରୁଣସେନ ନାୟକ କହିଛନ୍ତି, ଉପସ୍ଥାନ କମ୍ ଥିବା କାରଣ ଦର୍ଶାଇ ରାଜ୍ୟ ସରକାର ୨୦୧୮ ମସିହାରେ କଟକ ଜିଲାର ୪୪୮ଟି ବିଦ୍ୟାଳୟ ବନ୍ଦ ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ବିରୋଧରେ କଟକ ଜିଲାରେ ବିଦ୍ୟାଳୟ ସୁରକ୍ଷା କମିଟି ଆନ୍ଦୋଳନ କରିଥିଲା। ୨୦୨୦ ମାର୍ଚ୍ଚ ୧୧ ତାରିଖରେ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ସ୍କୁଲ ବନ୍ଦ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଣୁ ସରକାରୀ ସ୍କୁଲଗୁଡ଼ିକରେ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ନାୟକ କହିଛନ୍ତି। କମିଟି ଆବାହକ ପ୍ରଶାନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ କମିଟିର କଟକ ଉପଦେଷ୍ଟା କାଶୀନାଥ ମଲ୍ଲିକ, ସାମାଜିକକର୍ମୀ ଶର୍ମିଷ୍ଠା ନାଥ, ଶେଖ୍‌ବଜାର ପୂଜା କମିଟି ସମ୍ପାଦକ କିଶୋର ବେହେରା, ଶ୍ରୀଧର ଘଡେଇ, ପ୍ରଶାନ୍ତ ନାୟକ, ତ୍ରିନାଥ ଦାସ, ପ୍ରଦୀପ ନାୟକ, ତନ୍ଦ୍ରା ଦାସ ଓ ସାକିର ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

କଟକ ଅଫିସ, ୯।୫

ଦରଘାବଜାର ପୋଲିସ ଓ ସାମାଜିକ ଅନୁଷ୍ଠାନ କଳିଙ୍ଗଏଡ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ରବିବାର ଦରଘାବଜାର ଅଞ୍ଚଳରେ ଗରିବ ଓ ଅସହାୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଗରିବ ଓ ଅସହାୟଙ୍କୁ ଏବଂ ପରେ ସ୍ଥାନୀୟ ସିଟି ହସ୍ପିଟାଲ ପରିସରରେ କର୍ମଚାରୀଙ୍କ ସମେତ ରୋଗୀଙ୍କୁ ଖାଦ୍ୟ ବଣ୍ଟାଯାଇଥିଲା। ଜୋନ୍-୨ ଏସିପି ଏସ୍.କେ. ସରିଫଉଦ୍ଦିନ, ଦରଘାବଜାର ଥାନା ଅଧିକାରୀ ପ୍ରଦୀପ ଜେନା, ଫାଉଣ୍ଡେଶନ ପକ୍ଷରୁ ଜି. ସାଗର, ଡି. ଚୈତନ୍ୟ, ବି. ପ୍ରସାଦ, ଓ. ଶ୍ରୀନିବାସ, କେ. ଭାସ୍କର ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ଏସ୍‌ସିବି ମେଡିକାଲ ପରିସରରେ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟରେ ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର, ଅଭିନେତା ଶ୍ରୀତମ ଦାଶ, ଟ୍ରଷ୍ଟର ସହ ସମ୍ପାଦକ ହରମୋହନ ନାୟକ, ଟ୍ରଷ୍ଟି ନିଳାଦ୍ରୀ ଭୂଷଣ ଦାଶ, ଅବିନାଶ ରାଉତରାୟ, ବିଜୟାନନ୍ଦ ଦଳାଇ, ରାକେଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପରିବାର ଲୋକେ ମୃତଦେହ ଛୁଉଁନାହାନ୍ତି

ନିଶ୍ଚିନ୍ତକୋଇଲି,୯।୫(ସ୍ୱ.ପ୍ର.)

- ସଂକ୍ରମଣ ବଢ଼ି ଚାଲିଛି
- ପ୍ରଶାସନ କରୁଛି ସଂସ୍କାର

କରୋନା ମହାମାରୀ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକରେ ଭୟର ବାତାବରଣ ଖେଳିଯାଇଛି। ଏପରିକି ସଂକ୍ରମଣ ବ୍ୟାପିବା ଆଶଙ୍କାରେ ପରିବାର ଲୋକେ ମୃତଦେହ ଛୁଇଁବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ମିଳିଥିବା ସୂଚନାଅନୁଯାୟୀ, ମାଣପୁର ପଞ୍ଚାୟତ ଅଇନିପୁର ଗ୍ରାମର ସଞ୍ଜୁଲତା ଦାସ(୪୭) ଅସୁସ୍ଥ ଥିଲେ। ସେ କରୋନା ଟେଷ୍ଟ କରିବା ପରେ ପଜିଟିଭ୍ ଆସିଥିଲା। ଏହାପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସନ୍ଧ୍ୟାରେ ସଞ୍ଜୁଲତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ମୃତଦେହ ଛୁଇଁବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ବିଡିଓ କର୍ଣ୍ଣଦେବ ସମାଦ୍ଦାର ଶନିବାର ଏ ସମ୍ପର୍କରେ ସୂଚନା ପାଇବା ପରେ ଜିପିଓ ଜନ୍ମେଜୟ ରାଉତ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହାୟତାରେ ଏକ ସ୍ୱତନ୍ତ୍ର ଗାଡିରେ ମୃତଦେହ ନେଇ ସଂସ୍କାର କରିଥିଲେ। ଏହାକୁ ମିଶାଇ ବ୍ଲକରେ ମୃତ୍ୟୁ ସଂଖ୍ୟା ସରକାରୀ ରେକର୍ଡ ଅନୁସାରେ ୪ରେ ପହଞ୍ଚିଛି। ତେବେ ମୃତ୍ୟୁ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଇଦ୍‌ରେ କଟକଣା କୋହଳ କରାଯାଉ

କଟକ ଅଫିସ, ୯।୫

ଇଦ୍ ପର୍ବ ପାଇଁ ସହରରେ ଲକ୍‌ଡାଉନ କଟକଣା କୋହଳ କରିବାକୁ ଓଡ଼ିଶା ୱାକଫ୍ ଅଫ୍ ବୋର୍ଡର ପୂର୍ବତନ ଚେୟାରମ୍ୟାନ ଏକ୍ରାମ ହୁସେନ୍ ଇ-ମେଲ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ଇ-ମେଲ୍‌ରେ ଉଲ୍ଲେଖ କରିଛନ୍ତି, ଏକ ମାସ ଧରି ମୁସଲମାନ ଲୋକମାନେ ନିଷ୍ଠାର ସହିତ ଏହି ପର୍ବ ପାଳନ କରିଥାନ୍ତି । ମାତ୍ର ଚଳିତବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି । ଫଳରେ ମୁସ୍‌ଲିମ ସମ୍ପ୍ରଦାୟର ଲୋକମାନେ ଏହି ପର୍ବକୁ ନିରାଡମ୍ବର ଭାବରେ ପାଳନ କରିବାକୁ ବାଧ ହେବେ। ଆସନ୍ତା ୧୨ ତାରିଖରେ ଚାନ୍ଦ ଦେଖାଗଲେ ୧୩ରେ ଇଦ୍ ପାଳନ କରାଯିବ। ନଚେତ ୧୩ ତାରିଖ ଉପବାସର ୩୦ ଦିନ ସମ୍ପୂର୍ଣ୍ଣ ହେଉଥିବାରୁ ୧୪ ତାରିଖରେ ଇଦ୍ ପାଳନ କରାଯିବ । ଏଥିପାଇଁ ଉଭୟ ୧୩ ଏବଂ ୧୪ ତାରିଖରେ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା କରୋନା କଟକଣା କୋହଳ କରିବାକୁ ସେ ଇ-ମେଲ୍‌ରେ ଉଲ୍ଲେଖ କରିଛନ୍ତି।



ସପ୍ତାହାନ୍ତ ଶଟ୍‌ଡାଉନ ଯୋଗୁ ରବିବାର କଟକ ଦୋଳମୁଣ୍ଡାଇ-ବଜ୍ରକବାଟି ରୋଡ଼୍ ଖାଁ ଖାଁ।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସରୋଜ



@ ବର୍ଷି



@ ଚନ୍ଦ୍ରମଣି



@ ଇମ୍ରାନ



@ ନିଜାମ



@ ବୁଟୁ

## କରୋନା ସଂକ୍ରମିତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରନ୍ତୁ ସରକାର

କଟକ ଅଫିସ, ୯।୫

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି**

କରୋନା ସଂକ୍ରମିତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ପାଇଁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି, କରୋନାର ଦ୍ୱିତୀୟ ଲହର ରାଜ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। କରୋନା ସଂକ୍ରମିତଙ୍କୁ ସରକାରୀ ଡାକ୍ତରଖାନାରେ ସମସ୍ତ ଚିକିତ୍ସା ସୁବିଧା ମିଳୁନାହିଁ। ଏଣୁ ଅନେକ କରୋନା ଆକ୍ରାନ୍ତ ଆଇସିୟୁ, ଭେଣ୍ଟିଲେଟର ଓ ସିଟି ସ୍କାନ ଚିକିତ୍ସା ଆଶାରେ ଘରୋଇ ହସ୍ପିଟାଲ ଓ ନର୍ସିଂହୋମକୁ ଯାଉଛନ୍ତି। ହେଲେ ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍ କର୍ତ୍ତୃପକ୍ଷ ବେଡ୍, ଆଇସିୟୁ, ଭେଣ୍ଟିଲେଟର ଓ ସିଟି ସ୍କାନ ଚିକିତ୍ସା ବାବଦକୁ ଆକାଶଛୁଆଁ ବିଲ୍ କରି ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି। ଏପରିସ୍ଥଳେ ରାଜ୍ୟ ସରକାର ଘରୋଇ ହସ୍ପିଟାଲ ଓ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିବା କରୋନା ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ସମାନ ହାର ନିର୍ଣ୍ଣୟ, ବେଡ୍, ଭେଣ୍ଟିଲେଟର, ସିଟି ସ୍କାନ, ଔଷଧ ଖର୍ଚ୍ଚ ବହନ କରିବା କିମ୍ବା ଖର୍ଚ୍ଚ ଉପରେ ସିଲିଂ କରିବାକୁ ମୋକିମ ଚିଠିରେ ଉଲ୍ଲେଖ କରିଛନ୍ତି।

## ୨ ବର୍ଷ ବିତିଲା, ମିଳିନି ପିଠା ଅର୍ଥ

କଟକ ସଦର, ୯।୫ (ଡି.ଏନ.ଏ.)

**କଟକ ସଦର ବ୍ଲକ**

୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟ ସରକାର ସମସ୍ତ ପଞ୍ଚାୟତରେ ପିଠା (ପିପୁଲ୍‌ସ ଏମ୍ପାୱାରମେଣ୍ଟ ଏନାବେଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଏନ୍‌ହାନ୍ସିଂ ଆକାଉଣ୍ଟେବିଲିଟି) କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରତି ପଞ୍ଚାୟତରେ ଖର୍ଚ୍ଚ କରାଯିବା ପାଇଁ ୧ଲକ୍ଷ ଟଙ୍କା କରି ମୋଟ୍ ୨୩ ଲକ୍ଷ ଟଙ୍କା ୨୦୧୯ ମାର୍ଚ୍ଚରେ କଟକ ସଦର ବ୍ଲକ ଆକାଉଣ୍ଟରେ ଜମା କରିଥିଲେ। ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ ଉକ୍ତ ଅର୍ଥ ବ୍ଲକ ଆକାଉଣ୍ଟରୁ ପଞ୍ଚାୟତ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଉନାହିଁ। ତେଣୁ ଲୋକାଲ ଫଣ୍ଡ ଅଡିଟ୍ ପକ୍ଷରୁ କଟକ ସଦର ବିଡିଓଙ୍କୁ ହାଫ୍ ମାର୍ଜିନ ମେମୋ ଜାରି କରାଯାଇ କୈଫିୟତ ମଗାଯାଇଛି। ବ୍ଲକ ଆକାଉଣ୍ଟରେ ଏତେ ଟଙ୍କା ଜମା ରଖିବା ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା, ତା'ର ସୂଚନା ଲୋକାଲ ଫଣ୍ଡ ଅଡିଟ୍ ଅଫିସର ଜାଣିବାକୁ ଚାହିଁଛନ୍ତି। ପିଠା କାର୍ଯ୍ୟକ୍ରମ ଆୟୋଜନ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୨୩୪୭୭/୭।୧୨।୧୮ରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୫ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୫୦ ହଜାର ଓ ତୃତୀୟ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ପ୍ରତି ପଞ୍ଚାୟତକୁ ଦିଆଯିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଥିଲା। ତଦନୁଯାୟୀ ପ୍ରତି ପଞ୍ଚାୟତକୁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ଟଙ୍କା ଦିଆଯାଇଛି। ହେଲେ ତୃତୀୟ ପର୍ଯ୍ୟାୟ ବାବଦ ୧ ଲକ୍ଷ ଟଙ୍କା ଲେଖାଏ ଉକ୍ତ ବ୍ଲକର ୨୩ଟି ପଞ୍ଚାୟତକୁ ଦିଆଯାଇନାହିଁ। ଅଭିଯୋଗ ସମ୍ପର୍କରେ ବିଡିଓ ରାଜୀବଲୋଚନ ପରିଡ଼ା କୁହନ୍ତି, ସେ ସମୟରେ ମୁଁ ଦାୟିତ୍ୱରେ ନ ଥିଲି। ତେଣୁ ଏ ସମ୍ପର୍କରେ କିଛି ଜାଣିନି।

## ପୋଖରୀରେ ବୁଡ଼ି ଛାତ୍ର ମୃତ

କଣାସ,(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ଼ ପଞ୍ଚାୟତର ଆଳିବାଡ ଗ୍ରାମ ପୋଖରୀରେ ବୁଡ଼ି ଶନିବାର ଜଣେ ଦଶମ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିକ୍ରମ ବରାଳଙ୍କ ଏକମାତ୍ର ପୁତ୍ର ଶୁଭଙ୍କର ବରାଳ। ସୂଚନାଯୋଗ୍ୟ, ଶୁଭଙ୍କର ଶନିବାର ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ଯାଇ ଦେଖିବାବେଳକୁ ତାଙ୍କ ଗାମୁଛା କୂଳରେ ରଖାହୋଇଛି। ସନ୍ଦେହରେ ପରିବାରଲୋକେ ଡାକ ପକାଇବାରୁ ଗ୍ରାମବାସୀ ଆସି ପୋଖରୀରୁ ଶୁଭଙ୍କର ନିସ୍ତେଜ ଶରୀର ଉଦ୍ଧାର କରି ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗଡ଼ିଶାଗୋଦା ପୋଲିସ ଶୁଭଙ୍କରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା।



୦୯.୦୫.୨୦୨୧
୧୧୬୨ ଟଙ୍କା

# ସଜେଇ ହେଉଛି ରଥଖଳା, ଚନ୍ଦନ ଚକଡ଼ା

ପୁରୀ ଅଫିସ,୯।୫

ଆସନ୍ତା ୧୫ ତାରିଖ ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ। ତେବେ କରୋନା ପାଇଁ ବାହାର ଚନ୍ଦନଯାତ୍ରା ନେଇ ଶ୍ରୀମନ୍ଦିର ପ୍ରଶାସନ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରି ନ ଥିଲେ ମଧ୍ୟ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ଜୋରସୋର ଚାଲିଛି। ଚନ୍ଦନ ଯାତ୍ରା ଆଉ ଅଳ୍ପଦିନ ଥିବାବେଳେ ନରେନ୍ଦ୍ର ଚକଡ଼ା ଚଳଚଞ୍ଚଳ ହୋଇଛି। ସଜେଇ ହେଉଛି ଚନ୍ଦନ ଚକଡ଼ା ଓ ନରେନ୍ଦ୍ର ପୁଷ୍କରିଣୀ। ୨୧ଦିନିଆ ବାହାର ଚନ୍ଦନ ଯାତ୍ରାରେ ମଣିବିମାନରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ, କୃଷ୍ଣ, ଭୂଦେବୀ, ଶ୍ରୀଦେବୀ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ। ଚନ୍ଦନ ଠାକୁରଙ୍କୁ ନୌବିହାର କରେଇବାକୁ ନନ୍ଦା, ଭଦ୍ରା ଚାପ ପ୍ରସ୍ତୁତ ହେଲେଣି। ନରେନ୍ଦ୍ରରେ ବର୍ଷତମାମ ବୁଡ଼ି ରହିଥିବା ନନ୍ଦା, ଭଦ୍ରା ସହ ବୈଜୟନ୍ତୀ ଚାପକୁ ଚୈତ୍ର ପୂର୍ଣ୍ଣିମାରେ ବାହାର କରାଯାଇଥିଲା। ଆସନ୍ତା ୧୨ତାରିଖରେ ନନ୍ଦା, ଭଦ୍ରା ଚାପ ଦ୍ୱୟର କାର୍ଯ୍ୟ ମହାରଣା ସେବକମାନେ ଆରମ୍ଭ କରିବେ। ଚଳିତବର୍ଷ ବିନା ଭକ୍ତରେ ମହାପ୍ରଭୁ ବାହାର ଚନ୍ଦନଯାତ୍ରା ଆୟୋଜନ ନେଇ ପ୍ରଶାସନ ଚିନ୍ତା କରିଛି। ନରେନ୍ଦ୍ର ପୁଷ୍କରିଣୀ, ଚନ୍ଦନ ଚକଡା, ମଦନମୋହନ ବିଜେ ସ୍ଥଳୀକୁ ରଙ୍ଗ କରାଯାଉଛି। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଚନ୍ଦନଯାତ୍ରା ପାଇଁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସେହିଦିନ ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ମଧ୍ୟ ହେବ। ଚନ୍ଦନଯାତ୍ରା ଓ ରଥନିର୍ମାଣ କାର୍ଯ୍ୟ ଲାଗି ନିଯୁକ୍ତ ହେବାକୁ ଥିବା ସେବାୟତମାନଙ୍କର ଟେଷ୍ଟିଂ ଓ ଭ୍ୟାକ୍ସିନେସନ୍‌କୁ ପ୍ରଶାସନ ଶେଷ କରିବ। ଯାହାଦ୍ୱାରା ସଂକ୍ରମଣ ବ୍ୟାପିବାର ଆଶଙ୍କାକୁ ଏଡ଼ାଇବା ସହଜ ହେବା ସହ ନୀତିକାନ୍ତି ସୁରୁଖୁରୁରେ ହୋଇପାରିବ। ଅନ୍ୟପକ୍ଷରେ ରଥ ନିର୍ମାଣ କାର୍ଯ୍ୟ ପାଇଁ ଶ୍ରୀନହର ସମ୍ମୁଖ ରଥଖଳାରେ ଏକ ଛାମୁଣ୍ଡିଆ ବନ୍ଧା ଚାଲିଛି। ତିନି ରଥ ନିର୍ମାଣ ପାଇଁ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ମହାରଣା ଓ ପାଖାପାଖି ୭୭ଜଣ ସେବାୟତ ନିୟୋଜିତ ହେବେ। ଏହାବ୍ୟତୀତ ରଥନିର୍ମାଣ କାର୍ଯ୍ୟରେ ରୂପକାର, ଚିତ୍ରକାର, କମାର ଓ ଦରଜି ସେବାୟତମାନେ ମଧ୍ୟ ନିୟୋଜିତ ହେବେ। ଅନ୍ୟପଟେ ରଥଯାତ୍ରା ନିମନ୍ତେ ସପ୍ତମ ପର୍ଯ୍ୟାୟ ରଥକାଠ ପହଞ୍ଚିସାରିଛି। ରଥ ନିର୍ମାଣ ନିମନ୍ତେ ରଥଖଳାରେ ଏବଂ ଚନ୍ଦନ ଚକଡ଼ାରେ ରବିବାର ୧୦ଜଣ ଭୋଇସେବକଙ୍କ ଦ୍ୱାରା ଚାଳିଆ ପ୍ରସ୍ତୁତ କରାଯାଉଛି। ଅକ୍ଷୟତୃତୀୟା ଦିନ ରଥକାଠ ଅନୁକୂଳ ହେବ। ରଥନିର୍ମାଣ ନିମନ୍ତେ ମହାରଣା ସେବକମାନେ ପ୍ରସ୍ତୁତ ରହିଛନ୍ତି ବୋଲି ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ ମହାପାତ୍ର ସୂଚନା ଦେଇଛନ୍ତି।


ଶ୍ରୀନହର ସମ୍ମୁଖରେ ରଥ ନିର୍ମାଣ ପାଇଁ ରଥଖଳା ପ୍ରସ୍ତୁତି ଚାଲିଛି।

## ଅଭିଯୋଗ ପରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ତତ୍ପରତା

ପୁରୀ ଅଫିସ,୯।୫:

ଗୋପବନ୍ଧୁ କୋଭିଡ୍ କେୟାର ସେଣ୍ଟରରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ତ୍ରୁଟି ରହିଥିବା ସାଧାରଣରେ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରବିବାର ଜିଲାପାଳ ସମର୍ଥ ବର୍ମା ଜିଲାର ମୁଖ୍ୟ କୋଭିଡ୍ ହସ୍ପିଟାଲ୍ ଓ ଗୋପବନ୍ଧୁ କୋଭିଡ୍ କେୟାର ସେଣ୍ଟର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ସହ ଚିକିତ୍ସା ସମ୍ପର୍କରେ ବୁଝିଛନ୍ତି। କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଦେବଦୁର୍ଲଭ ନାୟକ କହିଛନ୍ତି, ବାୟୋମେଡିକାଲ୍‌ରେ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ କୌଣସି ସମସ୍ୟା ହୋଇନାହିଁ। ଏସବୁ ବର୍ଜ୍ୟବସ୍ତୁ ପ୍ରତିଦିନ ମ୍ୟୁନିସିପାଲିଟି ଗାଡ଼ି ଆସି ନେଇଥାଏ। ପିପିଇ କିଟ୍, ଗ୍ଲୋଭ୍ସ, ଆପ୍ରୋନ୍ ଭଳି ବର୍ଜ୍ୟବସ୍ତୁ ଏଭଳି ଶ୍ରେଣୀରେ ଆସନ୍ତି। ମାତ୍ର ବାୟୋ ମେଡିକାଲ୍‌ରେ ବର୍ଜ୍ୟବସ୍ତୁ ଶ୍ରେଣୀରେ ଆସୁ ନ ଥିବା ଖଳିପତ୍ରକୁ ନେଇ ସମସ୍ୟା ଥିଲା। ସାଧାରଣ ଭାବେ ଏହାକୁ ପୋଡ଼ି ଦିଆଯିବା ପରେ ପୋତି ଦିଆଯାଇଥାଏ। ମାତ୍ର ମାଙ୍କଡ଼ମାନେ ଖଳିପତ୍ରଗୁଡ଼ିକୁ ଏଣେତେଣେ କରି ପକାଉଛନ୍ତି। ଫଳରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ବଢୁଥିଲା। ଏନେଇ ରବିବାର ଜିଲାପାଳ ବିକଳ୍ପ ବ୍ୟବସ୍ଥା ପରାମର୍ଶ ଦେଇଛନ୍ତି। ଏଣିକି ବାୟୋ ମେଡିକାଲ ବର୍ଜ୍ୟବସ୍ତୁ ଭଳି ଖଳିପତ୍ରକୁ ପଲିଥିନରେ ସିଲ୍ କରି ଗୋଟିଏ ଷ୍ଟୋର ରୁମ୍‌ରେ ଏକାଠି କରି ରଖାଯିବ, ମ୍ୟୁନିସିପାଲିଟି ଗାଡ଼ି ଉକ୍ତ ବର୍ଜ୍ୟବସ୍ତୁକୁ ସଂଗ୍ରହ କରିବ। ଏଥିପାଇଁ ଆଇଡିଏଚ୍ ଓ ଗୋପବନ୍ଧୁ କୋଭିଡ୍ କେୟାର ସେଣ୍ଟରରେ ୨ଟି ଷ୍ଟୋର ରୁମ୍ ନିର୍ମାଣ ହୋଇଛି। ଅନ୍ୟପକ୍ଷରେ ଜିଲାପାଳ ଆଇସିୟୁ ୱାର୍ଡ ବୁଲି ଦେଖିବା ସହ ଠିକ୍ ସମୟରେ ଖାଦ୍ୟ ଓ ଔଷଧ ମିଳୁଛି କି ନାହିଁ ସେନେଇ ରୋଗୀମାନଙ୍କଠାରୁ ପଚାରି ବୁଝିଛନ୍ତି। ଉତ୍ତମ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ମେଡିକାଲ ପରିବେଶକୁ ସଫା ରଖିବା ଉପରେ ଧ୍ୟାନ ଦେଇଛନ୍ତି। ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସମ୍ପର୍କୀୟଙ୍କୁ ସୂଚନା ଦେବା ପାଇଁ ହେଲ୍ପଲାଇନ କିଭଳି ଭାବେ କାର୍ଯ୍ୟ କରୁଛି ତାହା ମଧ୍ୟ ତଦାରଖ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ସହ ପିକେଡିଏ ସଚିବ ଲଲାଟେନ୍ଦୁ ଦାସ, ଏଡିଏମ୍‌ଓ ଡଃ ପ୍ରଣବ ଶଙ୍କର ଦାଶ ଓ ଡିପିଏମ୍‌ଓ ଟି. ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚନ୍ଦ୍ରଭାଗା ବେଳାଭୂମିରୁ ମହିଳାଙ୍କ ମୃତଦେହ ଜବତ

କୋଣାର୍କ,୯।୫(ଡି.ଏନ୍.ଏ.): ଚନ୍ଦ୍ରଭାଗା ବେଳାଭୂମିରୁ ରବିବାର ଜଣେ ମହିଳାଙ୍କ ମୃତଦେହ ମେରାଇନ ପୋଲିସ ଜବତ କରିଛି। ମହିଳାଙ୍କ ବୟସ ୩୫ରୁ ୪୦ବର୍ଷ ହେବ। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସକାଳୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ବେଳାଭୂମିରେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନିମାପଡା ଏସ୍‌ଡିପିଓ ଦେବାଶିଷ ପ୍ରଧାନ, ରାମଚଣ୍ଡୀ ଆଇଆଇସି ଶରତ ନାୟକ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ପୋଲିସ ନଂ. ୩/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଛି।

### ଡିଲରଙ୍କୁ ଟିକା ଦେବାକୁ ଦାବି

କଣାସ,୯।୫(ସ୍ୱ.ପ୍ର.)- କଣାସ ବ୍ଲକରେ ରାଶନ କାର୍ଡଧାରୀଙ୍କୁ ଖାଉଟି ସାମଗ୍ରୀ ଯୋଗାଉଥିବା ଡିଲରମାନଙ୍କୁ ତୁରନ୍ତ ଟିକା ଦେବା ପାଇଁ ବିଡିଓ ଲୋଚନ ଦାସଙ୍କ ନିକଟରେ ୩୫ଜଣ ଡିଲର ଦାବି କରିଛନ୍ତି। ଏ ନେଇ ଡିଲରମାନେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଡିଲରମାନେ ଉଲ୍ଲେଖ କରିଛନ୍ତି ଯେ ପ୍ରତି ମାସରେ ଶହଶହ ରାଶନ କାର୍ଡଧାରୀ ତାଙ୍କ ପାଖକୁ ଆସି ଚାଉଳ, ଗହମ, କିରୋସିନ ନେବା ସହ ମେଶିନରେ ହିତାଧିକାରୀମାନେ ଟିପ ଚିହ୍ନ ଦିଅନ୍ତି। ଦୈନିକ ଶହଶହ ଜନସାଧାରଣଙ୍କ ସଂସ୍ପର୍ଶରେ ଡିଲରମାନେ ଆସୁଥିବାରୁ ସଂକ୍ରମଣ ଭୟ ରହୁଛି। ତେଣୁ ସେମାନଙ୍କୁ ଟିକା ଦେବାକୁ ଦାବି ହେଉଛି ।

## ମା'ଙ୍କୁ ଟ୍ରଲିରେ ଗାଁ ବୁଲାଇଲେ ପୁଅ

ଗୋପ,୯।୫(ଡି.ଏନ୍.ଏ.):

ମା'ଦୁନିଆକୁ ଆମକୁ ଆଣିବା ପରେ ଆମର ପରିଚୟ ସୃଷ୍ଟି ହୋଇଛି। ମା' କୋଳ ଓ ତା'ର ପଣତକାନି ଆମକୁ ପ୍ରତି କ୍ଷେତ୍ରରେ ସୁରକ୍ଷିତ ରଖିଥାଏ। ମା' ଥିଲେ ଦୁନିଆ ଥିଲା ପରି ଲାଗେ। ସନ୍ତାନର ପ୍ରତି ଇଚ୍ଛାକୁ ପୂରଣ କରିବା ପାଇଁ ମା' ନିଜ ଜୀବନକୁ ମଧ୍ୟ ବାଜି ଲଗାଇଦିଏ। ଏପରି କ୍ଷେତ୍ରରେ ୯୦ ବର୍ଷୀୟା ବୁଢ଼ୀ ମା'ର ଇଚ୍ଛାକୁ ସମ୍ମାନ କରି ଛୋଟ ପିଲାଙ୍କ ଭଳି ଟ୍ରଲି ରିକ୍ସାରେ ଗାଁ ବୁଲାଇବା ସହ ସୁସ୍ୱାଦୁ ଖାଦ୍ୟ ଖୁଆଉଛନ୍ତି ପୁରୀ ଜିଲା ଗୋପ ଥାନା ବାଲିକନ୍ଦଳ ଗ୍ରାମର ପୁଅ ରମେଶ ଚନ୍ଦ୍ର ଦାଶ। ସୂଚନାଯୋଗ୍ୟ, ରବିବାର ମାତୃ ଦିବସ ଥିବାବେଳେ ରମେଶ ତାଙ୍କ ମା' ଫକୀର ଦେଈଙ୍କୁ ଏକ ଟ୍ରଲି ରିକ୍ସାରେ ବସାଇ ବେଶ୍ ଖୁସି ମିଜାଜରେ ଗାଁ ବୁଲାଇବା ସହ ବାଲିକନ୍ଦଳ ଗ୍ରାମରୁ ଗୋପ ଭଉଣୀ ଘରକୁ ଆସୁଥିଲେ। ଏଭଳି ସୁନ୍ଦର ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ମଧ୍ୟ ଖୁସି ହେବା ସହ ପ୍ରଶଂସା କରୁଥିଲେ। ଏହି ଦୃଶ୍ୟ ଦେଖି ଆମ ପ୍ରତିନିଧି ରମେଶଙ୍କ ସହ ମାତୃ ଦିବସ ଅବସରରେ କିଛି ବାର୍ତ୍ତାଳାପ କରିଥିଲେ। ରମେଶ କହିଥିଲେ, ମା'କୁ ଭଗବାନଙ୍କଠାରୁ ଅଧିକ ଭଲ ପାଏ। ଆମେ ୩ ଭାଇ ହୋଇ ଥିବାବେଳେ ୨ ଭାଇ ଭୁବନେଶ୍ୱରରେ ଅଛନ୍ତି। ମୁଁ ଓ ମୋ ମା' ଗାଁରେ ରହୁଛୁ। ମା'ର ସମସ୍ତ ସେବା କରିବାକୁ ମିଳୁଥିବାରୁ ନିଜକୁ ଭାଗ୍ୟବାନ ଭାବେ।

## ୭ଦିନ କୁଅଁରପୁର ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍

ବଳଙ୍ଗା,୯।୫(ଡି.ଏନ୍.ଏ.):

ବଳଙ୍ଗା ଥାନା ଶାଇଁସ ଶାସନ ପଞ୍ଚାୟତର କୁଅଁରପୁର ଗ୍ରାମରୁ ୧୩ରୁ ୧୫ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ଏ ନେଇ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ ପ୍ରଶାସନକୁ ଅବଗତ କରାଇବା ପରେ ତହସିଲଦାର ସମ୍ପୃକ୍ତ ଗ୍ରାମକୁ ୯ତାରିଖରୁ ସାତଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଫଳରେ ପ୍ରଶାସନ ପକ୍ଷରୁ ଗ୍ରାମର ପ୍ରବେଶ ପଥରେ ବାଉଁଶ ବନ୍ଧାଯାଇଛି। ବାହାର ଲୋକଙ୍କୁ ଗ୍ରାମକୁ ପ୍ରବେଶ ମନା କରାଯାଇଛି। ଏଥିସହିତ କୋଭିଡ ନିୟମ କଡ଼ାକଡ଼ି ପାଳନ କରିବାକୁ ଆକ୍ରାନ୍ତ ଏବଂ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି। ଥାନା ଅଧିକାରୀ ସମରେନ୍ଦୁ ପାଇକରାୟ, ନିର୍ବାହୀ ଅଧିକାରୀ ଅଜୟ ହେମ୍ବ୍ରମ, ରାଜସ୍ୱ ନିରୀକ୍ଷକ ଆଶୁତୋଷ ସାହୁ ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଥିବା ଜଣାପଡିଛି।

ଶ୍ରଦ୍ଧାଞ୍ଜଳି

ବାପା,
ତୁମେ ଆମକୁ ଏକାକରି ଛାଡ଼ି ଚାଲିଗଲ। ତୁମ ବିନା ଆମଘର ଶୂନ୍‌ଶାନ୍। ଏ ମନ ତୁମକୁ ସବୁବେଳେ ଝୁରୁଛି। ତୁମ ନାତି ସ୍ୱରାଜ କହୁଛି 'ମୋ ଜେଜେ ଠାକୁରଙ୍କ ପାଖକୁ ମନ୍ଦିର ଯାଇଛନ୍ତି।' ବାପା ! ମୁଁ ତୁମ ବାଇଆ ନାତିକୁ କ'ଣ କହି ବୁଝାଇବି ।
॥ଇତି ॥
ବାପି, ତୁନୀ, ସ୍ୱରାଜ (ନାତି)

ଦଶାହ : ୧୨।୦୫।୨୦୨୧
ଏକାଦଶାହ : ୧୩।୦୫।୨୦୨୧
ମୋବାଇଲ ନଂ.: ୯୮୫୩୩୮୭୯୨୭
୭୯୭୮୯୩୬୦୪୨


୰ଶ୍ରୀ ସୁଧାକର ମହାନ୍ତି
(ଅବସରପ୍ରାପ୍ତ ଇଞ୍ଜିନିୟର)
ଗ୍ରାମ/ପୋ.: ନେମାଳ, କଟକ
ଆବିର୍ଭାବ: ୧୦।୦୫।୧୯୪୦ (ଅକ୍ଷୟ ତୃତୀୟା)
ତିରୋଧାନ: ୦୩।୦୫।୨୦୨୧

# କଳା, ଭାସ୍କର୍ଯ୍ୟ ପାଇଁ ଅପୂରଣୀୟ କ୍ଷତି

**ଭୁବନେଶ୍ୱର, ୯।୫ (ବ୍ୟୁରୋ)– ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ରବିବାର ପରଲୋକ ହୋଇଯାଇଛି। ଅନେକ ଭାସ୍କର୍ଯ୍ୟ ନିର୍ମାଣ କରି ସେ କେବଳ ଓଡ଼ିଶା ନୁହେଁ ବରଂ ଦେଶ ତଥା ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭ କରିଥିଲେ। ତାଙ୍କ ଦେହାନ୍ତରେ କଳା ଓ ଭାସ୍କର୍ଯ୍ୟ କ୍ଷେତ୍ରରେ ଅପୂରଣୀୟ କ୍ଷତି ଘଟିଲା ବୋଲି ମତ ପ୍ରକାଶ ପାଇଛି।**


"ଓଡ଼ିଶା ତଥା ଭାରତ ବର୍ଷ ଜଣେ ଉଜ୍ଜ୍ୱଳ ପ୍ରତିଭାଙ୍କୁ ହରାଇଲା ଏବଂ ଦେଶର ଏକ ଅପୂରଣୀୟ କ୍ଷତି ଘଟିଲା। ତାଙ୍କର କଳା ଓ ଭାସ୍କର୍ଯ୍ୟ ଦେଶ, ବିଦେଶରେ ଢ଼େର୍ ଖ୍ୟାତି ଅର୍ଜନ କରିବା ସହିତ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ସେ ସର୍ବଦା ଓଡ଼ିଆ ତଥା ଦେଶବାସୀଙ୍କ ନିକଟରେ ସ୍ମରଣୀୟ ହୋଇରହିବେ। ଏଇ ଦୁଃଖଦ ମୁହୂର୍ତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରୁଛି ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।
**–ବିଶ୍ୱଭୂଷଣ ହରିଚନ୍ଦନ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ**


"ଗୋଟିଏ ଅଞ୍ଚଳର ବାସିନ୍ଦା ହୋଇଥିବାରୁ ସ୍ୱର୍ଗତଃ ମହାପାତ୍ରଙ୍କୁ ପିଲାଦିନରୁ ଭଲଭାବେ ଜାଣିଛି। ଜଣେ ବଡ ଭାଇ ଭଳି ସେ ଆମଙ୍କୁ ସର୍ବଦା ମାର୍ଗଦର୍ଶନ କରିଆସୁଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଏଭଳି ଅସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଭଗବାନ ଅସୀମ ଧୈର୍ଯ୍ୟ ଦିଅନ୍ତୁ।
**–ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**


"ସ୍ୱର୍ଗତଃ ମହାପାତ୍ର ପ୍ରତିଷ୍ଠିତ ଭାସ୍କର୍ଯ୍ୟ ଶିଳ୍ପୀ ଭାବେ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ଶ୍ରୀମନ୍ଦିର ଭଳି ଅବିକଳ ମନ୍ଦିର ବାଲେଶ୍ୱରଠାରେ ନିର୍ମାଣ କରି ପ୍ରଶଂସା ଓ ସମ୍ମାନ ସାଉଁଟିଥିଲେ। ବିଶ୍ୱ ଜଣେ ସୁନାମ ଅର୍ଜିତ ଶିଳ୍ପୀଙ୍କୁ ହରାଇଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରୁଛି।
**–ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି**


"ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କ ପରଲୋକ ଖବର ଶୁଣି ଅତ୍ୟନ୍ତ ମର୍ମାହତ। ତାଙ୍କ ଦେହାନ୍ତ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମର ଆତ୍ମାର ସଦଗତି କାମନା କରୁଛି।
**–ମାନସ ମଙ୍ଗରାଜ, ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା**


ଶିଳ୍ପୀ ମାନସ ସାହୁ ରାଜ୍ୟସଭା ସଦସ୍ୟ ତଥା ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ରଙ୍କୁ ସାଣ୍ଡ ଆନିମେଶନ ଦ୍ୱାରା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।


"ରଘୁନାଥଙ୍କ ବିୟୋଗ ଓଡ଼ିଶାର ସାଂସ୍କୃତିକ ପରିମଣ୍ଡଳ ପାଇଁ ଏକ ବିରାଟ କ୍ଷତି। ଏହି ମହାନ ଶିଳ୍ପୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।
**–ସଞ୍ଜୟ ଦାସବର୍ମା, ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ)**


"ଆମ ରାଜ୍ୟ ଓ ଆମେ କଳାକାରମାନେ ବହୁତ ବଡ଼ ପ୍ରତିଭାଙ୍କୁ ହରାଇଲୁ। ଭାରତର ସେ ଏକମାତ୍ର ଶିଳ୍ପୀ ଥିଲେ ଯିଏ କି ପଦ୍ମବିଭୂଷଣ ପାଇଥିଲେ। ଲଳିତକଳା ଏକାଡେମୀରେ ମୁଁ ସେକ୍ରେଟାରି ଥିବାବେଳେ ସେ ସଭାପତି ଥିଲେ। ତାଙ୍କ ସହ କାମ କରିବା ବହୁତ ଭଲ ଲାଗେ। ସେ ସବୁବେଳେ ସକାରାତ୍ମକ ଚିନ୍ତା କରନ୍ତି। ତାଙ୍କ ଦେହାନ୍ତ ଖବର ଶୁଣି ମତେ ଶକ୍ତ ଧକ୍କା ଲାଗିଛି। ତାଙ୍କର ବିୟୋଗ ଆମ ଦେଶର ବଡ଼ କ୍ଷତି।
**–ତାରାକାନ୍ତ ପରିଡ଼ା, ପ୍ରତିଷ୍ଠାତା, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି,**


"ମୁଁ ଓଡ଼ିଶା ଲଳିତ କଳା ଏକାଡେମୀରେ ଥିବାବେଳେ ତାଙ୍କ ସହ ଏକବର୍ଷ କାମ କରିଥିଲି। ସେ ସବୁବେଳେ ମତେ ଆଗକୁ ବଢ଼ିବାକୁ ଉତ୍ସାହିତ କରୁଥିଲେ। ଓଡ଼ିଶାରେ ଜନ୍ମ ହୋଇ ବି ସେ ସାରା ପୃଥିବୀରେ ନାଁ କରିଥିଲେ। ତାଙ୍କ ଦେହାନ୍ତ ଖବର ପାଇ ମୁଁ ସ୍ତବ୍ଧ ହୋଇଯାଇଛି। ସେ ମୋର ଗୁରୁ ସଦୃଶ ଥିଲେ। ତାଙ୍କ ପ୍ରୋତ୍ସାହନ ଓ ପ୍ରଚେଷ୍ଟା ଆହୁରି ଅନେକ ଶିଳ୍ପୀଙ୍କୁ ତିଆରି କରିବ।
**–ମାନସ ଜେନା, ପୂର୍ବତନ ସେକ୍ରେଟାରୀ, ଲଳିତକଳା ଏକାଡେମୀ**


"ତାଙ୍କ ଭଳି କଳାକାର ଓ ଭଲ ମଣିଷ ମିଳିବା କଷ୍ଟକର। ଶିଳ୍ପୀକୁଳ ପାଇଁ ଏହା ଶକ୍ତ ଧକ୍କା। ତାଙ୍କ ଭଳି ଶିଳ୍ପୀ ପୁଣି ଥରେ ଓଡ଼ିଶାରେ ଜନ୍ମ ନେବା ସମ୍ଭବ ନୁହେଁ। ବିଶେଷକରି ଲଳିତକଳା ଏକାଡେମୀର ଉନ୍ନତି ପାଇଁ ସେ ଅନେକ ସ୍ୱପ୍ନ ଦେଖିଥିଲେ। ତାଙ୍କର ଦ୍ୱିତୀୟ କୋଣାର୍କ ତିଆରି କରିବା ସ୍ୱପ୍ନ ଅଧାରେ ରହିଗଲା।
**–ଗୌରାଙ୍ଗ ବାରିକ, ବରିଷ୍ଠ ଚିତ୍ରଶିଳ୍ପୀ**

"ରଘୁନାଥ ଓ ମୁଁ ଭଲ ବନ୍ଧୁ ଥିଲୁ। ତାଙ୍କ ଦେହାନ୍ତ ଖବର ଶୁଣି ମୁଁ ମର୍ମାହତ। ତାଙ୍କ ବିୟୋଗ ସମଗ୍ର ଶିଳ୍ପୀ ଜଗତ ପାଇଁ ଅପୂରଣୀୟ କ୍ଷତି। ଲଳିତ କଳା ଏକାଡେମୀର ଉନ୍ନତି ପାଇଁ ସେ ବହୁତ କାମ କରିଥିଲେ। ପ୍ରଭୁ ଜଗନ୍ନାଥ ତାଙ୍କ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
**–ଡ. ଦୁର୍ଗା ପ୍ରସାଦ ଦାସ, ବରିଷ୍ଠ ଚିତ୍ରଶିଳ୍ପୀ**




"ବରିଷ୍ଠ ଓ କନିଷ୍ଠ ଶିଳ୍ପୀର ବହୁ ଊର୍ଦ୍ଧ୍ୱରେ ଆମ ଦୁହିଁଙ୍କର ସମ୍ପର୍କ ଥିଲା। ତାଙ୍କ ସଂସ୍ପର୍ଶରେ ଆସିବା ପରେ ମୁଁ ନିଜକୁ ଭାଗ୍ୟବାନ ମନେ କରିଛି। ତାଙ୍କୁ ପାଖରେ ପାଇବାର ଅନୁଭବ ମୋ ପାଇଁ ମହାର୍ଘ ଥିଲା। ସେ କର୍ମଯୋଗୀ ଥିଲେ। ପର୍ବତର ଉତ୍ତୁଙ୍ଗ ଶିଖରରେ ପହଞ୍ଚି ମଧ୍ୟ ନିଜକୁ କ୍ଷୁଦ୍ର ବୋଲି କହୁଥିଲେ।
**–ବଳଦେବ ମହାରଥା, ବରିଷ୍ଠ ଚିତ୍ରଶିଳ୍ପୀ**


"ରଘୁନାଥଙ୍କ ସହ ମୋର ଦୀର୍ଘ ୬୦ ବର୍ଷର ବନ୍ଧୁତ୍ୱ ଥିଲା। ତାଙ୍କ ସହ ମିଶି ମୁଁ ବହୁତ କାମ କରିଛି। ଆମ ସମୟରେ ସେ ଏକମାତ୍ର ଶିଳ୍ପୀ ଯିଏ କି ପଦ୍ମଭୂଷଣ, ପଦ୍ମବିଭୂଷଣ ପାଇଥିଲେ। ସେ ଜଗନ୍ନାଥଙ୍କର ଅନେକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ତାଙ୍କ କଳାକୃତି ପାଇଁ ଓଡ଼ିଶା ସମଗ୍ର ଭାରତ ବର୍ଷରେ ପ୍ରସିଦ୍ଧି ଲାଭ କରିଛି।
**–ଜଗଦୀଶ୍ କାନୁନ୍‌ଗୋ, ପୂର୍ବତନ ସଭାପତି, ଲଳିତକଳା ଏକାଡେମୀ**


"ସେ କେବଳ ଓଡ଼ିଶା ନୁହେଁ ବରଂ ଭାରତର ସୁନାମଧନ୍ୟ ବ୍ୟକ୍ତି ଥିଲେ। ପ୍ରସ୍ତର ଶିଳ୍ପୀ ଭାବେ ସେ ବହୁ ଶିଳ୍ପୀଙ୍କୁ ପ୍ରେରଣା ଯୋଗାଇଛନ୍ତି। ଅନେକ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ତାଙ୍କ ଭଳି ବ୍ୟକ୍ତି ଓଡ଼ିଶାରେ ଜନ୍ମ ଲାଭ କରିବା ଆମ ପାଇଁ ଗର୍ବ।
**–ଡ. ଅଲେଖ ଚରଣ ସାହୁ, ବି.କେ. ଆର୍ଟ କଲେଜ, ପୂର୍ବତନ ପ୍ରିନ୍ସିପାଲ**


"ଭାରତ ବର୍ଷ ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ହରାଇଲା। ସେ ଆଉ ଜଣେ ବିଶୁ ମହାରଣା ଥିଲେ। ତାଙ୍କର କଳାଚାତୁରି ଅତି ଆଶ୍ଚର୍ଯ୍ୟଜନକ ଥିଲା। ଶିଳ୍ପୀମାନେ ତାଙ୍କ କଳାକୁ ଦେଖିଲେ ଆଶ୍ଚର୍ଯ୍ୟ ହେଉଥିଲେ। ସେ ଜଣେ ଏକଲବ୍ୟ ଥିଲେ। ତାଙ୍କ ଭଳି ଶିଳ୍ପୀଙ୍କୁ ହରାଇ ଅପୂରଣୀୟ କ୍ଷତି ହୋଇଛି। କଳାକୃତି ପାଇଁ ରଘୁନାଥ ସର୍ବଦା ମନେ ରହିବେ।
**–ପଦ୍ମବିଭୂଷଣ ସୁଦର୍ଶନ ସାହୁ, ପ୍ରସ୍ତର ଶିଳ୍ପୀ**

## ବରିଷ୍ଠ ନାଗରିକଙ୍କ ପାଇଁ ଟୋଲ ଫ୍ରି ନମ୍ବର ଜାରି

ପୁରୀ ଅଫିସ,୯।୫

ଲକଡାଉନ ଏବଂ ଶଟଡାଉନ ଯୋଗୁ ପୁରୀ ସହରରେ ଏକା ରହୁଥିବା ଅନେକ ବରିଷ୍ଠ ନାଗରିକ ଜରୁରୀ ଆବଶ୍ୟକ ସାମଗ୍ରୀ ସହ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ରବିବାର ଏକ ଟୋଲ ଫ୍ରି ନମ୍ବର ୬୩୭୦୯୭୨୧୦୦ ଜାରି କରାଯାଇଛି। ଯେଉଁ ବରିଷ୍ଠ ନାଗରିକ ମାନେ ଘରେ ଏକା ରହୁଛନ୍ତି। ସେମାନଙ୍କ ଦେଖାଶୁଣା ପାଇଁ ଘରେ କେହି ନାହାନ୍ତି ସେମାନେ ପୋଲିସ ପକ୍ଷରୁ ଜାରି କରାଯାଇଥିବା ଉକ୍ତ ନମ୍ବରରେ ଯୋଗାଯୋଗ କରିବେ। ବରିଷ୍ଠ ନାଗରିକମାନେ ସେମାନେ ରହୁଥିବା ଘର ଠିକଣା ସହ ସମସ୍ୟା ସମ୍ପର୍କରେ ଜଣାଇଲେ। ଅଳ୍ପ ସମୟ ମଧ୍ୟରେ ପୋଲିସର ଏକ ଟିମ୍ ତାଙ୍କ ନିକଟରେ ପହଞ୍ଚି ତାଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସୁବିଧା ଯୋଗାଇଦେବେ।

## ୨୪ ଘଣ୍ଟାରେ ଜିଲାରୁ ୪୩୪ ପଜିଟିଭ

ପୁରୀ ଅଫିସ, ୯।୫

ପୁରୀ ଜିଲାରେ ଦିନକୁ ଦିନ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କିଛିଦିନ ହେବ ଜିଲାରେ ପ୍ରତ୍ୟହ ୪୦୦ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟାରେ ଜିଲାରୁ ୪୩୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରୁ ପୁରୀ ସହରରୁ ସର୍ବାଧିକ ୧୧୬ଜଣ ରହିଛନ୍ତି। ସେହିପରୀ ପୁରୀ ସଦରରୁ ୬୧ଜଣ , ନିମାପଡାରୁ ୩୬, କଣାସ ବ୍ଲକ୍‌ରୁ ୩୧, ସତ୍ୟବାଦୀରୁ ୨୮, ଗୋପ ଓ ପିପିଲିରୁ ୨୫ ଲେଖାଏ, ଅସ୍ତରଙ୍ଗରୁ ୨୩, ବ୍ରହ୍ମଗିରିରୁ ୨୨, ଡେଲାଙ୍ଗରୁ ୨୦, କାକଟପୁରରୁ ୧୯, କୃଷ୍ଣପ୍ରସାଦରୁ ୧୦, ନିମାପଡା ଏନଏସିରୁ ୭, କୋଣାର୍କ ଏନଏସିରୁ ୪, ପିପିଲି ଏନ୍‌ଏସିରୁ ଜଣେ ଏବଂ ଅନ୍ୟ ଜିଲାରୁ ୬ଜଣ ଆକ୍ରାନ୍ତ ଚିହ୍ନଟ ହେଇଛନ୍ତି। ତେବେ ପୁରୀ ସହରରୁ ଚିହ୍ନଟ ହୋଇଥିବା ୧୧୬ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୯, ୧୦, ୧୩, ୧୫, ୧୬, ୧୮ , ୨୦, ଓ ୩୨ ନଂ ୱାର୍ଡରୁ ଜଣେ ଲେଖାଏ ରହିଛନ୍ତି। ସେହିପରୀ ୩, ୪ନଂ ୱାର୍ଡରୁ ୨ଜଣ ଲେଖାଏ, ୧୭ ଏବଂ ୨୬ ନଂ ୱାର୍ଡରୁ ୩ଜଣ ଲେଖାଏ ୧, ୬, ୭, ୧୨ , ୧୯ , ୨୪ ନଂ ୱାର୍ଡରୁ ୪ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୪ ଏବଂ ୩୦ ନଂ ୱାର୍ଡରୁ ୫ଜଣ ଲେଖାଏଁ, ୨୩ନଂ ୱାର୍ଡରେ ୭ଜଣ ଏବଂ ୨୧ ଓ ୩୧ ନଂ ୱାର୍ଡରୁ ସର୍ବାଧିକ ୧୦ଜଣ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ନିରାକାରପୁର,୯।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ବଡ଼ପୋଖରିଆ ଛକରେ ରବିବାର ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲା କଣାସ ବ୍ଲକର କଣ୍ଟାବଣିଆ ଗ୍ରାମର ଭକ୍ତବଲ୍ଲଭ ପାହାଡ଼ସିଂ(୩୨)। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଖୋର୍ଦ୍ଧା ବଣିଆ ଟାଙ୍ଗୀ ଅଞ୍ଚଳରୁ ବିବାହ ପାଇଁ ଏକ ବର ବଡପୋଖରିଆ ଗ୍ରାମକୁ ଆସିଥିଲା। ବିବାହ ପରେ ବରର ସମ୍ପର୍କୀୟ ଦାଦା ଭକ୍ତବଲ୍ଲଭ ବାଇକ୍(ଓଡି ୦୨ ଏଏଫ୍ ୩୫୭୯)ରେ ଘରକୁ ଫେରୁଥିଲେ। ବଡ଼ପୋଖରିଆ ଛକରୁ ୧୬ନଂ.ଜାତୀୟ ରାଜପଥକୁ ଉଠିଲା ବେଳକୁ ବ୍ରହ୍ମପୁର ପଟୁ ଦ୍ରୁତଗତିରେ ଆସୁଥିବା ଏକ ଗାଡି ତାଙ୍କ ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଭକ୍ତବଲ୍ଲଭଙ୍କ ମୃତ୍ୟୁ ଘଟିଥିଲା। ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ଏହା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

### ସ୍ୱାସ୍ଥ୍ୟବୀମା ଯୋଜନାରୁ ବଞ୍ଚିତ ଖବରଦାତାଙ୍କୁ ଅନ୍ତର୍ଭୁକ୍ତ ଦାବି

**ବାଲୁଗାଁ,୯।୫(ଡି.ଏନ୍.ଏ.):** ରାଜ୍ୟ ସରକାର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଘୋଷଣା କରିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ବହୁ ଖବରଦାତା ସୂଚନା ଓ ଲୋକସମ୍ପର୍କ ବିଭାଗରେ ନାମ ପଞ୍ଜୀକରଣ ନିମନ୍ତେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମ ପ୍ରତିନିଧିଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖବରଦାତାଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ ଖବରଦାତାଙ୍କୁ ୨ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଏବଂ ମୃତ୍ୟୁ ଘଟିଲେ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ସହାୟତା ରହିଛି। ଏହି ଯୋଜନାରେ ୬୯୪୪ କାର୍ଯ୍ୟରତ ଖବରଦାତା ଅନ୍ତର୍ଭୁକ୍ତ ଥିବା ବେଳେ ବହୁ ଖବରଦାତା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

### କଟକଣା ମାନୁନାହାନ୍ତି ଅମାନିଆ

**କୃଷ୍ଣପ୍ରସାଦ,୯।୫(ଡି.ଏନ୍.ଏ.):** କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ନିୟମ ଜାରି ରହିଛି। ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ କେତେଜଣ ଅମାନିଆ ଏହି ନିୟମ ନ ମାନିବା ସହ ବିନା କାରଣରେ ବୁଲିବା ସହ ତାସ୍, କ୍ରିକେଟ ଖେଳୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବିଡିଓ ଅଭିମନ୍ୟୁ ମାଝି, ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଦିଲୀପ କୁମାର ସ୍ୱାଇଁ ବିଭିନ୍ନ ଅଞ୍ଚଳରେ ବୁଲି ଅମାନିଆଙ୍କୁ ତାଗିଦ କରିବା ପରେ ଛାଡୁଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ସପ୍ତାହାନ୍ତ ଶଟଡାଉନ ପାଇଁ ରବିବାର ବିଭିନ୍ନ ଛକ, ବଜାର ଶୂନଶାନ ରହିଥିଲା।

# ୧୭୧୭ ବ୍ୟାଗ୍ ଚିଙ୍ଗୁଡ଼ି ଖାଦ୍ୟ ଧରାପଡ଼ିଲା

## ୧୨ ଲକ୍ଷ ଟଙ୍କା ଓ ଟ୍ରକ ଜବତ, ୨ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୯।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କୟଥପଲାସ୍ଥିତ ଫାଲକନ ଫିଡସ୍ କେନ୍ଦ୍ରରୁ ବିଭିନ୍ନ ସ୍ଥାନକୁ ଯାଇଥିବା ଦୁଇଟି ଟ୍ରକ୍ ଭର୍ତ୍ତି (୬୦ ଟନ୍) ଚିଙ୍ଗୁଡ଼ି ଖାଦ୍ୟ ଗାଏବ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗର ଅଞ୍ଚଳର ଆଲୋକ ପ୍ରଧାନ ଓ ଭଦ୍ରକ ଜିଲା ସାନ କୃଷ୍ଣପୁର ଅଞ୍ଚଳର ଗଣେଶ ଭଞ୍ଜ। ଏମାନଙ୍କ ନିକଟରୁ ୧୨ ଲକ୍ଷ ଟଙ୍କା, ୧୭୧୭ ବ୍ୟାଗ ଚିଙ୍ଗୁଡ଼ି ଖାଦ୍ୟ ଓ ଗୋଟିଏ ଟ୍ରକ୍ ଜବତ କରାଯାଇଛି। ସୂଚନାଥାଉ କି, ଗତ ୩ ଓ ୪ ତାରିଖରେ ଦୁଇଟି ଟ୍ରକ୍‌ରେ ୨୪୦୦ବ୍ୟାଗ (୬୦ଟନ) ଚିଙ୍ଗୁଡ଼ି ଖାଦ୍ୟ ଭଦ୍ରକର ବାସୁଦେବପୁର, କଳିଙ୍ଗନଗର ଓ ପଶ୍ଚିମବଙ୍ଗର ମେଦିନାପୁର ଅଞ୍ଚଳକୁ ପଠାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ଟ୍ରକ୍ ନ ପହଞ୍ଚିବାରୁ ଫାଲକନ କର୍ତ୍ତୃପକ୍ଷ ଏନେଇ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୪୪/୨୧)ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଆଇଆଇସି ସରୋଜ କୁମାର ଉପାଧ୍ୟାୟ ତଦନ୍ତ ଚଳାଇଥିଲେ। ପୋଲିସ ରାଜନଗର ଅଞ୍ଚଳରେ ଚଢ଼ାଉ କରି ଏକ ଟ୍ରକ୍ (ଓଡି ୦୭ପି ୫୩୫୨), ୧୭୧୭ ବ୍ୟାଗ ଚିଙ୍ଗୁଡ଼ି ଖାଦ୍ୟ ସହ ୧୨ ଲକ୍ଷ ଟଙ୍କା ଜବତ କରିଥିଲା। ଏଥିସହ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି।





# ୭ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା), ୯।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ରବିବାର ବିଧାରପୁର ଗ୍ରାମରେ ଚଢ଼ାଉ କରି ୭ଟି ମୃତ ବିଦେଶୀ ପକ୍ଷୀ ଜବତ କରିଛି। ଏଥିସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ଗୋପାଳ ସାହୁ। ସୂଚନା ମୁତାବକ, କୋଭିଡ୍ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ କଟକଣା ଜାରି ରହିଛି। ଏହାର ସୁଯୋଗରେ ଟାଙ୍ଗୀ ଅଞ୍ଚଳରେ ପକ୍ଷୀ ଶିକାର ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ରବିବାର ଫରେଷ୍ଟ ଗାର୍ଡ ଭାନୁମତୀ ବେହେରା ଓ ସୁରକ୍ଷା କର୍ମଚାରୀମାନେ ଉକ୍ତ ଗ୍ରାମରେ ଚଢ଼ାଉ କରି ଗୋପାଳଙ୍କୁ ଧରିବା ସହ ୭ ମୃତ ବିଦେଶୀ ପକ୍ଷୀ ଜବତ କରିଥିଲେ। ଏନେଇ ଏକ ମାମଲା (ନଂ.୨/୨୧) ରୁଜୁ ହେବା ପରେ ଅଭିଯୁକ୍ତଙ୍କୁ ଟାଙ୍ଗୀ କୋର୍ଟକୁ ପଠାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି।



ରବିବାର ଶଟ୍‌ଡାଉନ୍ ପାଇଁ ଖୋର୍ଦ୍ଧା ନ୍ୟୁ ବସ୍‌ଷ୍ଟାଣ୍ଡ ଛକଠାରେ ପୋଲିସ ଚେକିଂ କରୁଛନ୍ତି।

# ୩୪୩ ପଜିଟିଭ୍, ୧୩୩ ସୁସ୍ଥ

**ଖୋର୍ଦ୍ଧା ଅଫିସ,୯।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ୩ଶହ ଟପିଲାଣି। ଦିନକୁ ଦିନ କରୋନା କାୟା ବିସ୍ତାର କରିବାରେ ଲାଗିଛି। ୨୪ଘଣ୍ଟାରେ ୩୪୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୩୩ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ଖୋର୍ଦ୍ଧା ସର୍ବାଧିକ ୫୯, ଚିଲିକା ୫୨, ବାଲିଅନ୍ତା ୪୮, ବାଲିପାଟଣା ୪୧, ଭୁବନେଶ୍ୱର ବ୍ଲକ ୨୫, ଜଟଣୀ ୩୬, ବେଗୁନିଆ ୨୩, ବୋଲଗଡ଼ ୨୭, ଟାଙ୍ଗୀ ୨୪ ଏବଂ ବାଣପୁରର ୮ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ରବିବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ୧୬,୩୦୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୪,୯୯୫ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨୫୧ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିପରି ଖୋର୍ଦ୍ଧା ଉପଖଣ୍ଡରେ ରବିବାର ୧୩୮୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ୬୪୭ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୭୩୮ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେଥିରୁ ୬୫୧ ଘରୋଇ ସଙ୍ଗରୋଧ ଏବଂ ୮୭ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସୁସ୍ଥ ହାର ୫୨.୨୯ ପ୍ରତିଶତ ରହିଥିବା ନେଇ ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

# ବଢୁଛି ସଂକ୍ରମଣ, ସତର୍କ ରହିବାକୁ ପରାମର୍ଶ

**ଖୋର୍ଦ୍ଧା ଅଫିସ,୯।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ଗ୍ରାଫ ମଧ୍ୟ ଉପରମୁହାଁ ହେବାରେ ଲାଗିଛି। ଜନସାଧାରଣଙ୍କୁ ସତର୍କ ଓ ସଜାଗ ରହିବାକୁ ଉପଜିଲାପାଳ ଅଶୋକ ବେହୁରିଆ ପରାମର୍ଶ ଦେଇଛନ୍ତି। ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନରେ ବିନା କାରଣରେ ବାହାରେ ବୁଲନ୍ତୁ ନାହିଁ। କରୋନାକୁ ବ୍ରେକ୍ ଦେବା ଲାଗି କୋଭିଡ୍ ନିୟମ ପାଳନ କରନ୍ତୁ। ନିଜ ସୁରକ୍ଷା ନିଜ ହାତରେ ରହିଛି। ଘରେ ରହିଲେ ସୁରକ୍ଷିତ ରହିବେ। ନିୟମ ଉଲ୍ଲଂଘନ କଲେ ସଂକ୍ରମଣ ବଢ଼ିବ। କରୋନା ଚେନ୍‌କୁ ବ୍ରେକ୍ ଦେବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହାକୁ ବିଫଳ ହେବାକୁ ଦିଅନ୍ତୁ ନାହିଁ। ଅମାନିଆଙ୍କ ଯୋଗୁ ସ୍ଥିତି ବିଗିଡ଼ିବାରେ ଲାଗିଛି। ସମାଜର ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ସରକାରଙ୍କ ଗାଇଡ୍‌ଲାଇନକୁ ପାଳନ କରିବାକୁ ଉପଜିଲାପାଳ କହିଛନ୍ତି।

### ନିୟମ ମାନୁନାହାନ୍ତି ଅମାନିଆ

କରୋନା ଚେନ୍‌କୁ ବ୍ରେକ୍ ଦେବା ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ବିନା କାରଣରେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ମାତ୍ର କେତେଜଣ ଅମାନିଆ ବିଭିନ୍ନ ଆଳ ଦେଖାଇ ବୁଲୁଛନ୍ତି। ହାତରେ ମେଡିକାଲର ଚିଠା, ଔଷଧ ଟାବଲଟ ଧରି ବୁଲୁଛନ୍ତି। ସେମାନଙ୍କୁ ତାଗିଦ୍ କରି ଛଡାଯାଇଛି ବୋଲି ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି। ସହର ଗଳିକନ୍ଦିରେ ଖଟି କରୁଥିବା ଦେଖିବାକୁ ମିଳିଛି। ନା ଅଛି ମାସ୍କ ନା ରହୁଛି ସାମାଜିକ ଦୂରତ୍ୱ। ମେଡିକାଲ କହି ଯାଉଥିବା ଲୋକଙ୍କୁ କୌଣସି ବାଧା ଦିଆଯାଉନାହିଁ। ତେବେ କେତେଜଣ ଅମାନିଆଙ୍କୁ କୌଣସି ଫରକ ପଡୁନି ବୋଲି ସେ କହିଛନ୍ତି।

### ଆଗରେ ତାଲା, ପଛରେ ଖୋଲା

ଲକ୍‌ଡାଉନ ଏବଂ ସପ୍ତାହାନ୍ତ ଶଟ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ୍‌ଦେଲେ ଅନ୍ୟ କୌଣସି ଦୋକାନ ନ ଖୋଲିବାକୁ ନିର୍ଦ୍ଦେଶ ରହିଛି। ତେବେ ଅଧିକାଂଶ ବ୍ୟବସାୟୀ ଦୋକାନ ଆଗ ତାଲା, ଶଟର ପକାଇ ପଛପଟେ ବେପାର କରୁଥିବା ଦେଖିବାକୁ ମିଳିଛି। ସେହିପରି ରବିବାର ଥିବାରୁ ସହରରେ ଅଧିକାଂଶ ସ୍ଥାନରେ ମାଛ, ମାଂସ ଏବଂ ଚୋରାରେ ମଦ କାରବାର ଚାଲିଥିବା ଦେଖିବାକୁ ମିଳିଛି। ଗୁରୁଜଙ୍ଗଠାରେ ଖୁଲମଖୁଲା ମାଛ, ମାଂସ ବିକ୍ରି ଚାଲିଥିବା ବେଳେ ସହରର ବିଭିନ୍ନ ଗଳିକନ୍ଦିରେ ଚୋରାରେ ମଦ ବିକ୍ରି ଚାଲିଥିବା ଜଣାପଡିଛି।

### ସ୍କୁଲ ଘରେ ଚାଲିଛି ନିଶା କାରବାର

ନିଶା ବେପାରୀଙ୍କୁ ସୁହାଉଛି ଲକ୍‌ଡାଉନ ଏବଂ ଶଟ୍‌ଡାଉନ। ସହରରେ ଯାତାୟାତ ବନ୍ଦ ରହିଛି। ପୋଲିସ ନାକା ଜଗିଛି। ସହରରେ ବ୍ରାଉନସୁଗାର କାରବାର ବୃଦ୍ଧି ପାଇଛି। ବିଭିନ୍ନ ଛକ, ଗଳିକନ୍ଦିରେ ନିଶା ବେପାରୀଙ୍କ ଆଡ୍ଡା ଜମୁଛି। ବନ୍ଦ ରହିଥିବା ସ୍କୁଲ ଗୃହ, ଖେଳପଡିଆରେ ନିଶା ବେପାରୀମାନେ ବସି ମଦ୍ୟପାନ ସହ ନିଶା ସେବନ କରୁଥିବା ଜଣାପଡିଛି। ଲକ୍‌ଡାଉନ ସମୟରେ ସହରର ଗଳିକନ୍ଦିରେ ପାଟ୍ରୋଲିଂ ଅଭାବରୁ ଏହାର ନିଶା ବେପାରୀଙ୍କୁ ସୁହାଉଛି। ଏଥିପ୍ରତି ପୋଲିସ ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଶିକ୍ଷାବିତ୍‌ଙ୍କ ପରଲୋକ

**ବାଣପୁର,୯।୫(ଡି.ଏନ୍.ଏ.)**

ବାଣପୁର ବ୍ଲକ ଭେଟେଶ୍ୱର ପଞ୍ଚାୟତ ବେତୁଲି ଗ୍ରାମର ଶିକ୍ଷାବିତ୍ ବାଙ୍କନିଧି ଶତ୍ରୁଶଲ୍ୟଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୩ବର୍ଷ ହୋଇଥିଲା। କିଛିଦିନ ହେବ ସେ କରୋନାରେ ଆକ୍ରାନ୍ତ ହୋଇ ବୁର୍ଲା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ତାଙ୍କର ମୃତ୍ୟୁ ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ୧୯୫୨ରେ ବାଙ୍କନିଧି ଜିଲା ସ୍କୁଲରେ ଦୀର୍ଘବର୍ଷ ଶିକ୍ଷକତା କରିବା ପରେ ୧୯୯୧ରେ ଅବସର ଗ୍ରହଣ କରିଥିଲେ। ୧୯୮୯ ସେପ୍ଟେମ୍ବର ୫ରେ ପ୍ରାକ୍ତନ ରାଜ୍ୟପାଳଙ୍କ ଠାରୁ ଆଦର୍ଶ ଶିକ୍ଷକ ପାଇଁ ପୁରସ୍କାର ପାଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସରୋଜ


@ ବଣ୍ଟି


@ ଚନ୍ଦ୍ରମଣି


@ ଇମ୍ରାନ


@ ନିଜାମ


@ ବୁଟୁ


@ ରାଜେଶ

# ଭୁବନେଶ୍ୱର ଉପଖଣ୍ଡରେ ସୁସ୍ଥ ହାର ୫୧.୪୪%

**ଖୋର୍ଦ୍ଧା ଅଫିସ,୯।୫**

ଭୁବନେଶ୍ୱର ଉପଖଣ୍ଡରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ୧୦୦୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୫୧୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୁସ୍ଥ ହାର ୫୧.୪୪ ପ୍ରତିଶତ ରହିଛି। ୪୯୦ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେଥିରୁ ୪୬୮ ଘରୋଇ ସଙ୍ଗରୋଧ ଏବଂ ୨୨ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି ବୋଲି ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି। ଭୁବନେଶ୍ୱର ବ୍ଲକରେ ୨୦୩ ଆକ୍ରାନ୍ତଙ୍କ ମଧ୍ୟରୁ ୯୯ ସୁସ୍ଥ ଓ ୧୦୪ଜଣ ସକ୍ରିୟ ରହିଛନ୍ତି। ସେହିପରି ବାଲିଅନ୍ତା ବ୍ଲକରେ ୧୫୩ ଆକ୍ରାନ୍ତ, ୬୧ ସୁସ୍ଥ ୯୨ ସକ୍ରିୟ, ବାଲିପାଟଣା ବ୍ଲକରେ ୨୭୫ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୮ସୁସ୍ଥ, ୧୨୭ଜଣ ସକ୍ରିୟ ରହିଛନ୍ତି। ଜଟଣୀ ବ୍ଲକରେ ୧୮୧ଜଣ ଆକ୍ରାନ୍ତ ରହିଥିବା ବେଳେ ୯୬ସୁସ୍ଥ ଓ ୧୦୧ ସକ୍ରିୟ ରହିଛନ୍ତି। ଜଟଣୀ ପୌରାଞ୍ଚଳରେ ୧୮୧ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୫ ସୁସ୍ଥ ଏବଂ ୬୬ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। କୋଭିଡ୍ ନିୟନ୍ତ୍ରଣ ଲାଗି ଲକଡାଉନ ସମୟରେ ବଜାରରେ ଭିଡ ନିୟନ୍ତ୍ରଣ, ମାସ୍କ ଏବଂ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଉଛି। ଜଟଣୀ ବଜାରକୁ ନିୟମିତ ବ୍ୟବଧାନରେ ବିଶୋଧନ କରାଯାଉଛି। ଲୋକଙ୍କ ଚିକିତ୍ସା ଦୃଷ୍ଟିରୁ ରହିଥିବା କୋଭିଡ୍ କେୟାର ହୋମ(ସିସିସି) ଏବଂ ସ୍ୱତନ୍ତ୍ର କୋଭିଡ୍ ମେଡିକାଲ(ଡିସିଏଚ୍)ଙ୍କ ସହିତ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ ନମ୍ବର ଜାରି କରାଯାଇଛି ବୋଲି ଉପଜିଲାପାଳ ସାହୁ କହିଛନ୍ତି।

**କୋଭିଡ୍ ସହାୟତା ପାଇଁ ଭୁବନେଶ୍ୱର ଉପଖଣ୍ଡ ହେଲପ୍‌ଲାଇନ ନମ୍ବର**

| ବ୍ଲକ/ୟୁଏଲ୍‌ବି | ନୋଡାଲ ଅଫିସରଙ୍କ ନମ୍ବର |
|---|---|
| ଭୁବନେଶ୍ୱର ସବ୍‌ଡିଭିଜନ | ୯୪୩୭୩୦୬୮୦୧ |
| ବାଲିଅନ୍ତା ବ୍ଲକ | ୭୯୭୮୫୦୭୪୯୭ |
| ବାଲିପାଟଣା ବ୍ଲକ | ୯୬୫୮୫୬୨୮୬୧ |
| ଭୁବନେଶ୍ୱର ବ୍ଲକ | ୯୪୩୯୦୦୮୨୩୫ |
| ଜଟଣୀ ବ୍ଲକ | ୯୪୩୭୧୦୭୧୧୪ |
| ଜଟଣୀ ୟୁଏଲ୍‌ବି | ୭୦୦୮୩୪୧୬୮୨ |

ଖୁଦୁପୁର-ସିସିସି ହେଲ୍‌ପଲାଇନ ନମ୍ବର:୯୪୩୭୪୮୬୯୯୮
ଏଏମଓ ଡା. ଜିତେନ୍ଦ୍ର ପଣ୍ଡା:୯୪୩୮୬୦୪୭୮୭
ହସ୍ପିଟାଲ ମ୍ୟାନେଜର ସୌମ୍ୟରଞ୍ଜନ ମୁଦୁଲି:୭୯୭୮୯୩୨୩୩୧

ବାଲକାଟୀ ନୀଳାଚଳ କୋଭିଡ୍ ହସ୍ପିଟାଲ ହେଲ୍‌ପଲାଇନ ନମ୍ବର- ୯୦୭୮୮୮୫୧୫୬
ଏଏମଓ ଡା.ତନ୍ମୟ ତ୍ରିପାଠୀ-୯୯୩୭୦୨୦୬୫୯/୯୪୩୯୯୭୦୩୮
ହସ୍ପିଟାଲ ମ୍ୟାନେଜର ଅମିତାଭ ଘଡାଇ-୯୦୭୮୮୮୫୧୫୧

# ଉପଜିଲାପାଳଙ୍କ କୋଭିଡ୍ ହସ୍ପିଟାଲ ପରିଦର୍ଶନ



**ଖୋର୍ଦ୍ଧା ଅଫିସ,୯।୫**

କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ଲାଗି ବାଲକାଟୀଠାରେ ୧୫୦ ଶଯ୍ୟାବିଶିଷ୍ଟ କୋଭିଡ୍ ହସ୍ପିଟାଲ ଏବଂ ଖୁଦୁପୁରଠାରେ ୩୦୦ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ହୋମ ରହିଛି। ଶନିବାର ଭୁବନେଶ୍ୱର ଉପଜିଲାପାଳ କୋଭିଡ୍ ମେଡିକାଲ ବୁଲି ଦେଖିବା ସହ ଉପଲବ୍ଧ ଚିକିତ୍ସା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆଇସିୟୁ, ସାଧାରଣ ୱାର୍ଡ ବୁଲି ଦେଖିବା ସହ ରୋଗୀଙ୍କ ଉପଯୁକ୍ତ ଚିକିତ୍ସା, ଠିକ୍ ସମୟରେ ଔଷଧ ଏବଂ ଉତ୍ତମ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମେଡିକାଲରୁ ବାହାରୁଥିବା ବର୍ଜ୍ୟବସ୍ତୁର ସୁପରିଚାଳନା, ପରିବେଶ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଇଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସେମାନଙ୍କ ସମ୍ପର୍କୀୟଙ୍କୁ ଅବଗତ କରାଇବାକୁ ହେଲ୍ପ ଡେସ୍କ ଦାୟିତ୍ୱରେ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଡିଓ, ତହସିଲଦାର, ମେଡିକାଲ ଦାୟିତ୍ୱରେ ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ତୋଟାପଡ଼ା ୭ଦିନ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ଖୋର୍ଦ୍ଧା ଅଫିସ,୯।୫**

ଚିଲିକା ବ୍ଲକ ଅନ୍ତର୍ଗତ ବଡକୁଳ ପଞ୍ଚାୟତର ତୋଟାପଡା ଗ୍ରାମରେ ରବିବାର ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଉକ୍ତ ଗ୍ରାମକୁ ସପ୍ତାହ ଲାଗି ଉପଜିଲାପାଳ ଅଶୋକ ବେହୁରିଆ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ରବିବାରଠାରୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ୩୦ପରିବାରର ୧୨୫ଜଣ ଏହି ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ରହିବେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ, ଅଗ୍ନିଶମ କର୍ମଚାରୀ ଏହି ଅଞ୍ଚଳକୁ ବିଶୋଧାନ କରିବେ। ସ୍ଥାନୀୟ ସ୍ୱାସ୍ଥ୍ୟ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ବେହୁରିଆ କହିଛନ୍ତି।

# ବେଗୁନିଆରେ ୨୦୦ ଟପିଲା ସଂକ୍ରମଣ

**ବେଗୁନିଆ,୯।୫(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ୨୪ଘଣ୍ଟା ମଧ୍ୟରେ ୨୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ବ୍ଲକ ଅଞ୍ଚଳରେ ମୋଟ୍ ପଜିଟିଭଙ୍କ ସଂଖ୍ୟା ୨୦୧ରେ ପହଞ୍ଚିଛି। ତନ୍ମଧ୍ୟରୁ ୭୪ଜଣ ସୁସ୍ଥ ହୋଇଥିବା ବେଳେ ୧୨୫ଜଣ ହୋମ ଆଇସୋଲେଶନରେ ଚିକିତ୍ସାଧୀକନ ଅଛନ୍ତି। ଅନ୍ୟ ୨ଜଣ ଗୁରୁତର ଅବସ୍ଥାରେ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ କୋଭିଡ୍ ସଂକ୍ରମଣ ରୋକିବା ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ତାଲା ବନ୍ଦ ବେଳେ ବେଗୁନିଆ ଅଞ୍ଚଳରେ କଟକଣା କଡ଼ାକଡ଼ି କରାଯାଉ ନାହିଁ। ବଜାର, ହାଟରେ ଜନଗହଳି ରହୁଛି। ଅମାନିଆମାନେ ବିନା କାରଣରେ ରାସ୍ତାରେ ଯାନବାହନ ଚଳାଉଥିବା ଦେଖିବାକୁ ମିଳିଛି। ଏମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷେ ଅମାନିଆଙ୍କଠାରୁ ୭୧ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, କଟକଣା ଉଲ୍ଲଂଘନକାରୀଙ୍କ ଉପରେ କଡା ପଦକ୍ଷେପ ନିଆଯାଉଛି। ଘରୁ ନ ବାହାରିବା ଲାଗି ଗାଁ ଗାଁ ବୁଲି ସଚେତନ କରାଯାଉଛି।